


জগতসিংহপুর



ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in


ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ


Vol.5 | Issue- 26 | December 6 to 12, 2021, | Jagatsinghpur | Page-8 | Rs. 5/-

ବର୍ଷ-୫ | ସଂଖ୍ୟା- ୨୬ | ଡିସେମ୍ବର ୬ ରୁ ୧୨, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


## ମୋଦି କେମିତି ନିଅନ୍ତି ନିଷ୍ପତ୍ତି ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେମିତି ନିଅନ୍ତି ନିଷ୍ପତ୍ତି । ଏ ବିଷୟରେ ରହସ୍ୟ ଖୋଲିଛନ୍ତି ରଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଶନିବାର ନୂଆଦିଲ୍ଲୀରେ ଏଜେଣ୍ଡା ଆଜତକ୍‌ରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିପରି ନିଷ୍ପର୍ତି ନିଅନ୍ତା ତାହା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଆମେ ମିଳତ ଭାବେ ଚିନ୍ତନ କରୁ ।



ଯଦି ମୋଦିଙ୍କ ପାଖରେ କିଛି ଆଇଡିଆ ଥାଏ ତେବେ ଆଲୋଚନା କରିନ୍ତି । ଏହାପରେ ସେ ବିଷୟରେ ସଂସଦୀୟ ବୋର୍ଡ ସଦସ୍ୟଙ୍କ ସହ ଆଲୋଚନା କରାଯାଏ । ପରେ ଏହା ଆଗକୁ ବଢେ । ଶେଷରେ ଚୂଡାନ୍ତ ନିଷ୍ପତ୍ତିରେ ମୋଦି ମୋହର ମାରନ୍ତ । ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହ ଏକାକି ସମସ୍ତ ନିଷ୍ପତ୍ତି ନିଅନ୍ତି କି ପ୍ରଶ୍ନର ଉତ୍ତର ଦେଇ ଜେପି ନଡ୍ଡା ଏହା କହିଛନ୍ତି । ସେ କହିଛନ୍ତି, ମୋଦି ହେଉଛନ୍ତିନେତା, ତାଙ୍କର ଚିନ୍ତଧାରା ସୁବୁଠୁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସେ ସମସ୍ତଙ୍କୁ ସାଙ୍ଗରେ ନେଇଥାନ୍ତି । ଏହା ହେଉଛି ମୋଦିଙ୍କର ବିଶେଷତ୍ୱ ବୋଲି ସେ କହିଛନ୍ତି । ଯାହା ଅନ୍ୟଦଳଠାରୁ ଭିନ୍ନ ବୋଲି ସେ କହିଛନ୍ତି । କିଛି ଦିନ ପୂର୍ବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମୋଦିଙ୍କ ପକ୍ଷ ନେଇ କହିଥିଲେ ଯେ, ମୁଁ ତାଙ୍କ ସହ ଦୀର୍ଘ ଦିନ ଧରି ମିଶି ଆସିଛି । କିନ୍ତୁ ମୋଦିଙ୍କ ଭଳି ଶ୍ରୋତା ଦେଖି ନାହିଁ । ଆମ ବିରୋଧରେ ଯେଉଁ ସବୁ ଅଭିଯୋଗ ଆସୁଛି ତାହା ଭିତ୍ତିହୀନ । ମୁଁ ମେଦିଙ୍କ ଭଳି ଜଣେ ଶ୍ରୋତା ଦେବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ସତ୍ୟ ନାହିଁ । ଯିଏ ତାଙ୍କ ସହ କାମ କରିଛି ଏବଂ ସମାଲୋଚକମାନେ ମଧ୍ୟ ଏଥିରେ ସହମତ ହେବେ ବୋଲି କହିଥିଲେ ।

## ମମିତା ମାମଲା ସମ୍ବେଦନଶୀଳ ଘଟଣା:ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱ(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମମିତା ମେହେର ପ୍ରସଙ୍ଗରେ ଗୃହରେ ବିବୃତି ରଖିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ଅତି ସମ୍ବେଦନଶୀଳ ଘଟଣା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ମମିତା ମୃତ୍ୟୁକୁ ରାଜନୀତିକରଣ କରାଯାଇଉଛି । ଅବସରପ୍ରାପ୍ତ ଜିଲ୍ଲା ଜର୍ଜ ତଦନ୍ତ ପ୍ରକିୟାର ତଦାରଖ କରିବେ । ହାଇକୋର୍ଟଙ୍କୁ ଏନେଇ ଅନୁରୋଧ କରିଥିଲେ ରାଜ୍ୟ ସରକାର । ବିନା ଭୟ ଓ ଦ୍ୱନ୍ଦରେ ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛି । ଦାୟିତ୍ୱରେ ଯିଏ ବି ଅବହେଳା କରିଥିବ ଦୃଢ କାର୍ଯାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଯିଏ ଦୋଷୀ ସେ ଦଣ୍ଡ ପାଇବ ।

୨ଦିନ ଧରି ମମିତା ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରିଥିଲେ ବିରୋଧ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବିରୋଧ କରି ବାରମ୍ବାର ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ବାଧ ହୋଇ



ବାରମ୍ବାର ଗୃହ ମୁଲତବୀ କରିଥିଲେ । ହେଲେ ଏହି ପ୍ରସଙ୍ଗରେ ଆଜି ମୁଖ୍ୟମନ୍ତ୍ରୀ ବିବୃତ୍ତି ଦେଇଛନ୍ତି । ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ପୋଲିସ ନିକଟରେ ଅପରାଧ ସ୍ୱୀକାର କରିଥିଲା । ମମିତା ମେହେରଙ୍କୁ ହତ୍ୟା କରିଥିବା ଗୋବିନ୍ଦ ମାନିଥିଲା । ଗୋବିନ୍ଦ ସାହୁଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ପୋଲିସ ଘନ ଘନ ଜେରା କରିଥିଲା । ଗୋବିନ୍ଦଙ୍କ ସହଯୋଗୀ ରାଧେ, ଜେସିବି ଡ୍ରାଇଭର ଓ ଷ୍ଟାଡିୟମ ମୁନା ସିଂଙ୍କୁ ଅଟକ ରଖାଯାଇ ପଚାରାଉଚରା କରାଯାଇଥିଲା

## ବିରୋଧିଦଳ ନାଟକ କରୁଛନ୍ତି:ବିଜେଡି

ମମିତା ମେହେର ପ୍ରସଙ୍ଗରେ ବିରୋଧିଦଳ ଗୁଡିକ ଯେଉଳି ନାଟକ କରୁଛନ୍ତି ତାହା ଗଣତନ୍ତ୍ର ପ୍ରତିବାଦର କୌଣସି କାରଣ ନାହିଁ ବୋଲି କହିଛନ୍ତି ବିଜେଡି ବିଧାୟକା ସ୍ନେହାଙ୍ଗିନୀ ଛୁରିଆ । ଶ୍ରୀମତୀ ଛୁରିଆ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବିବୃତି ରଖିବା ପରେ ପ୍ରତିବାଦର କୌଣସି କାରଣ ନାହିଁ । ବିନା ଦ୍ୱନ୍ଦ ଓ ଚାପରେ ତଦନ୍ତ ଚାଲିବ ବୋଲି କହିବା ପରେ ମଧ୍ୟ ଅଭାବନୀୟ ପରିସ୍ଥିତି ସୃଷ୍ଟି କରାଯାଉଛି । ବିରୋଧୀ ଦଳ ଏହି ପ୍ରସଙ୍ଗରେ ଡ୍ରାମା କରୁଛନ୍ତି । ସମସ୍ତ ପ୍ରକାର ଆଲୋଚନା ପାଇଁ ସରକାର ପ୍ରସ୍ତୁତ ରହିଥିବାବେଳେ ବିରୋଧି ଗୃହକୁ ଚଳାଇ ଦେଉନାହାନ୍ତି । ବିରୋଧିଦଳଙ୍କ ଏଭଳି ଆଚରଣ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ବିପଦ । ଅଯଥା ପ୍ରସଙ୍ଗରେ ବିରୋଧି ଗୃହରେ ଅଚଳାବସ୍ଥା ସୃଷ୍ଟି କରୁଛନ୍ତି । ବିଶୃଙ୍ଖଳିତ ଆଚରଣ ପାଇଁ ରାଜ୍ୟସଭା ଓ ଅନ୍ୟାନ୍ୟ ବିଧାନସାଭାରେ ସଦସ୍ୟ ମାନଙ୍କୁ ସସପେଣ୍ଡ କରାଯାଉଛି । ହେଲେ ଆମ ବିଧାନସଭାରେ ସୁସ୍ଥ ବାତାବରଣ ବଜାୟ ରଖିବାକୁ ରାଜ୍ୟ ସରକାର ଚାହୁଁଛନ୍ତି । ନିର୍ବାଚିତ ଜନପ୍ରତିନିଧି ହୋଇ ବିରୋଧୀ ଦଳର ସଦସ୍ୟ ଯେଉଳି ବିଶୃଙ୍ଖଳିତ ଆଚରଣ କରୁଛନ୍ତି ଜନସାଧାରଣ ତାହାର ଜବାବ ଦେବେ ବୋଲି ଶ୍ରୀମତି ଛୁରିଆ କହିଛନ୍ତି ।

# ପ୍ରଭୁ ଜଗନ୍ନାଥ ଆମକୁ ରକ୍ଷା କରନ୍ତୁ:ଏସ୍‌ଆର୍‌ସି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶନିବାର ସକାଳ ପର୍ଯ୍ୟନ୍ତ ଅଧା ଓଡ଼ିଶାର ଲୋକେ ବାତ୍ୟା ଭୟରେ ଥିଲେ । ପ୍ରାୟ ୧୦ଟା ପରେ ଆଇଏମ୍‌ଡି ସ୍ପଷ୍ଟ କଲା ବାତ୍ୟା ହେବାର ନାହିଁ ! ଶକ୍ତିହୀନ ହୋଇଯାଇଛି 'ଜୱାଦ' । ଠିକ୍ ଏହା ପରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନାଙ୍କ ଟ୍ୱିଟ୍, ପ୍ରଭୁ ଜଗନ୍ନାଥ ଆମକୁ ରକ୍ଷା କରନ୍ତୁ । ଆଇଏମ୍‌ଡି ଭଳି କେନ୍ଦ୍ରୀୟ ପାଣିପାଗ ବିଜ୍ଞାନ ସଂସ୍ଥାର ପାରଦର୍ଶିତା ପ୍ରତି ପ୍ରଶ୍ନବାଚୀ ଉଠାଇଛି । ଅନ୍ୟପକ୍ଷରେ, ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାରୁ ଆଇଏମ୍‌ଡି ସୂଚନାକୁ ଆଧାର କରି ରାଜ୍ୟ ସରକାର ବାତ୍ୟା ମୁକାବିଲା ପ୍ରସ୍ତୁତି କରିଥିଲେ । ବିଭିନ୍ନ ସମ୍ବେଦନଶୀଳ ଜିଲ୍ଲାକୁ ଉଦ୍ଧାରକାରୀ ଦଳକୁ ପଠାଇବା ସହ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ । ଯାହା ସଂପର୍କରେ ଏସ୍‌ଆର୍‌ସି ଟ୍ୱିଟ୍ କରି ସୂଚନା ଦେଇଥିଲେ । ଏମିତିକି ବାତ୍ୟାଟି ଓଡ଼ିଶାରେ ଲ୍ୟାଣ୍ଡଫଲ୍ ନ କରିପାରେ ବୋଲି ଏସ୍‌ଆର୍‌ସି

### ବାତ୍ୟାର ଭୁଲ ଆକଳନ

ରାଜ୍ୟବାସୀଙ୍କୁ ଆଶ୍ୱସ୍ତି କରିଥିଲେ । କିନ୍ତୁ ଏହା ପରେ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କୋଟି କୋଟି ଓଡ଼ିଶାବାସୀଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଆଗକୁ ଓଡ଼ିଶା ପରି ବାତ୍ୟା ପ୍ରବଣ ରାଜ୍ୟର ସରକାର କେଉଁ ରିପୋର୍ଟ ଉପରେ ଭରଷା କରିବେ । କାହା ତଥ୍ୟ ଆଧାରରେ ବାତ୍ୟା ମୁକାବିଲା କରିବେ ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି । ଏପରିକି କିଛି ପାଣିପାଗ ବିଭାଗ ମଧ୍ୟ ସମାନ ଆଶଙ୍କା କରିଛନ୍ତି ।


କେବଳ ଆଇଏମ୍‌ଡି ନୁହେଁ ବିଶ୍ୱର ବଡ ବଡ ପାଣିପାଗ ସଂସ୍ଥା ମଧ୍ୟ ଆକଳନରେ ଭୁଲ୍ ସାବ୍ୟସ୍ତ ହେବାରେ ଲାଗିଛନ୍ତି । ବାତ୍ୟା 'ୟସ୍', 'ଗୁଲାବ୍' ଓ ଏବେ 'ଜୱାଦ' କ୍ଷେତ୍ରରେ ସମାନ ଘଟଣା ଘଟିଛି । ଅଭିଜ୍ଞତା ଦୃଷ୍ଟିରୁ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟାର ଗତିପଥ ଓ ତୀବ୍ରତା ମାପିବାରେ ଆଇଏମ୍‌ଡି ସର୍ବାଗେ ବୋଲି ବିବେଚନା କରାଯାଇଛି । ତେଣୁ ପୂର୍ବରୁ ଯେତେ ବାତ୍ୟା ଆସିଛି ବିଦେଶୀ ସଂସ୍ଥାକୁ ଛାଡି



ଆଇଏମ୍‌ଡି ଆକଳନ ଉପରେ ରାଜ୍ୟ ସରକାର ଆଶାପ୍ରକଟ କରିଥାନ୍ତି । ମାତ୍ର କ୍ରମାଗତ ଭାବେ ଆଇଏମ୍‌ଡିର ଆକଳନ ଦ୍ୱନ୍ଦାତ୍ମକ ସୃଷ୍ଟି କରିଥିବା ଅଭିଯୋଗ ଆରମ୍ଭ ହୋଇଯାଇଛି । 'ଜୱାଦ' ପ୍ରସଙ୍ଗରେ ସୋସିଆଲ୍ ମିଡିଆରେ ଆଇଏମ୍‌ଡି କାର୍ଯ୍ୟକଳାପ ଉପରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଆଇଏମ୍‌ଡି ଆକଳନ ଆଧାରରେ ହିଁ ରାଜ୍ୟ ସରକାର ମୁକାବିଲା ପ୍ରସ୍ତୁତି କରିଥାନ୍ତି । ଓଡ଼ିଶା ଭଳି ଏକ ବାତ୍ୟାପ୍ରବଣ ରାଜ୍ୟ ପାଇଁ ଆଗୁଆ ଓ ସଠିକ୍ ସୂଚନା ଯଥେଷ୍ଟ ଗୁରୁତ୍ୱ ରଖୁଥିବାରୁ ଏଥିପ୍ରତି ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଦାବି ଉଠୁଛି । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଶୀଘ୍ର ପରିବର୍ତ୍ତନ ହେତୁ ପାଣିପାଗ ଆକଳନ କରିବା କଷ୍ଟକର ହୋଇପଡୁଛି । ଯାହାକି ପୂର୍ବାନୁମାନରେ କଷ୍ଟସାଧ ହେଉଛି । ଏବେ କିଛି ମଡେଲ୍‌କୁ ଛାଡିଦେଲେ ଅନ୍ୟମାନେ ବାରମ୍ବାର ନିଜର ମତ ବଦଳାଉଛନ୍ତି । ଯାହାଦ୍ୱାରା ଆକଳନକାରୀଙ୍କ ପାଇଁ ଏକ ବଡ ଆହ୍ୱାନ ହୋଇପଡିଛି । ତେଣୁ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ କରିବା ଆବଶ୍ୟକ ହୋଇଛି ।

ସେହିପରି ମଡେଲ୍‌ଗୁଡିକ ଚଳାଇବା ପାଇଁ ଭାରତର ବିଭିନ୍ନ ସଂସ୍ଥାରୁ ତଥ୍ୟ ଦରକାର ପଡୁଛି । ଏହି ତଥ୍ୟକୁ ଆଧାର କରି ସବୁ ମଡେଲ୍ ଆକଳନ ଜାରି କରୁଛନ୍ତି । ବିଦେଶୀ ମଡେଲ୍ ମଧ୍ୟ ଭାରତଠାରୁ ସଂଗୃହିତ ତଥ୍ୟ ଗ୍ରହଣ କରି ଆକଳନ ଜାରି କରୁଛନ୍ତି । ମାତ୍ର ଏହି ଗୋଳମାଳିଆ ଓ ଭୁଲ୍ ତଥ୍ୟ ଯୋଗୁଁ ବିଦେଶୀ ସଂସ୍ଥା ଭୁଲ୍ ଆକଳନ କରୁଛନ୍ତି । ଭାରତୀୟ ପାଣିପାଗ ବିଜ୍ଞାନ ସଂପୂର୍ଣ୍ଣ ଭାବେ ବିଦେଶୀ ମଡେଲ୍ ଉପରେ ନିର୍ଭର କରୁଥିବାରୁ ସଠିକ୍ ଆକଳନରେ ସମସ୍ୟା ସୃଷ୍ଟି ହେଉଛି । ସମାନ ଭାବେ ସଠିକ୍ ଆକଳନ ପାଇଁ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବେଲୁନ୍ ଛଡାଯାଇଥାଏ । ବାୟୁମଣ୍ଡଳର ସ୍ଥିତି ଜାଣିବାକୁ ଏହି କାର୍ଯ୍ୟ କରାଯାଏ । ମାତ୍ର ତାହା ମଧ୍ୟ କ୍ରମାଗତ ଭାବେ କରାଯାଉନଥିବା ଅଭିଯୋଗ ହୋଇଛି । ଆମେରିକାରୁ 'ଜେଟିଡବ୍ଲୁସି' ଭଳି ସଂସ୍ଥା ମଧ୍ୟ ନିଜ କଥାରେ ଦୃଢ ଭାବେ ରହିନପାରି ବାରମ୍ବାର ମତ ପରିବର୍ତ୍ତନ କରୁଛି । ଏହା ବ୍ୟତୀତ ଆଇଏମ୍‌ଡି ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମି ମଧ୍ୟ ନାହିଁ । ଆଇଏମ୍‌ଡି ବ୍ୟବହାର କରୁଥିବା ସାଟେଲାଇଟ୍ ମଧ୍ୟ ଅନ୍ୟଦେଶ ତୁଳନାରେ ଉନ୍ନତ ହୋଇପାରୁନାହିଁ । ସେହିପରି ବଙ୍ଗୋପସାଗରରେ ଥିବା 'ଭାସମାନ ୱେଦର ଷ୍ଟେସନ୍' ମଧ୍ୟ ସଂପୂର୍ଣ୍ଣ ବଙ୍ଗୋପ ସାଗରରେ ପରିଧିରେ ଆକଳନ କରିପାରୁନାହିଁ । ଯାହାଦ୍ୱାରା ବାତ୍ୟା ସଂପର୍କରେ ସଠିକ୍ ଆକଳନ ସମସ୍ୟା ସୃଷ୍ଟି ହେଉଛି । ଭାରତକୁ ବାରମ୍ବାର ବାତ୍ୟା ଭୟ ରହୁଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଧିରେ ଧିରେ ଆଇଏମ୍‌ଡିର ବିଶ୍ୱସନୀୟତା ପ୍ରତି ଆଶଙ୍କା ସୃଷ୍ଟି ହେବାରେ ଲାଗିଛି ।


## ବିଧାୟକ ଜୟନାରାୟଣ ମିଶ୍ର ଅସୁସ୍ଥ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଜେପି ବିଧାୟକ ଜୟନାରାୟଣ ମିଶ୍ର ପୁଣି ଥରେ ଅସୁସ୍ଥ ହୋଇପଡିଛନ୍ତି । ସେ ନୂଆଦିଲ୍ଲୀ ଗସ୍ତ କରିଥିବା ବେଳେ ସେଠାରେ ଅସୁସ୍ଥ ହୋଇପଡିଥିଲେ । ତାଙ୍କ ସାଥିରେ ଯାଇଥିବା ବିଧାୟକ ମୋହନ ମାଝୀ ଓ ଅନ୍ୟମାନେ ଏମ୍ସରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ସେ ହସ୍ପିଟାଲ୍‌ରେ ରହି ଚିକିତ୍ସିତ ହେଉଛନ୍ତି । ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ବୋଲି ଜଣାପଡିଛି । ଜୟନାରାୟଣ ନୂଆଦିଲ୍ଲୀରେ ଆୟୋଜିତ ପିଏସି କମିଟିର ବୈଠକରେ ଯୋଗଦେବାକୁ ଅନ୍ୟ ବିଧାୟକଙ୍କ ସହ ଦିଲ୍ଲୀ ଯାଇଥିଲେ । ସେମାନଙ୍କ କାମ ସରିବା ପରେ ଓଡ଼ିଶା ଭବନରେ ରାତ୍ରୀଯାପନ କରିଥିଲେ । ଏହି ସମୟରେ ଜୟନାରାୟଣ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଏମ୍ସ ନିଆଯାଇଥିଲା ।

## ରୁଷ ରାଷ୍ଟ୍ରପତି ପୁଟିନ୍ ଭାରତରେ


**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଜି(୬ ତାରିଖ) ଭାରତ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ଭାରତ ଓ ରୁଷ ମଧ୍ୟରେ ସୈନ୍ୟ ସମ୍ବନ୍ଧକୁ ନେଇ ଆହୁରି ମଜବୁତ୍ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ମଧ୍ୟରେ ବୈଠକ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ବୈଠକରେ ଭାରତ ୭.୫ଲକ୍ଷ ଏ.କେ.-୨୦୩ ଆସଲ୍ଟ ରାଇଫଲ୍ ଆମଦାନୀ ଉପରେ ରାଜିନାମା ହେବ । ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ୍ କମିଟିରେ ଅନ୍ତିମ ମଞ୍ଜୁରୀ ସମେତ ସମସ୍ତ ଜରୁରୀ ପ୍ରକ୍ରିୟା ପୁରା ହୋଇସାରିଛି । ସରକାରୀ ସୂତ୍ର ଅନୁଯାୟୀ, ରୁଷ ରାଷ୍ଟ୍ରପତିଙ୍କ ଯାତ୍ରା ସମୟରେ ଏହି ଚୁକ୍ତିନାମା ଉପରେ ଦୁଇ ଦେଶର ରାଷ୍ଟ୍ରାଧ୍ୟକ୍ଷ ହସ୍ତାକ୍ଷର କରିବେ । ପୁଟିନ୍ ଡିସେମ୍ବର ୬ରେ



ଭାରତ ଗସ୍ତରେ ଆସୁଥିବାର ଖବର ପ୍ରକାଶ ପାଇଛି । ପୁଟିନ୍ ଓ ମୋଦିଙ୍କ ମଧ୍ୟରେ ବୈଠକରେ ଭାରତକୁ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀର ପ୍ରସ୍ତୁତି ଦେଖିବାର ସମ୍ଭାବନା ରହିଛି । ଏସ୍-୪୦୦ର ଉପକରଣ ଏବଂ ଯନ୍ତ୍ରାଂଶ ଭାରତରେ ପହଞ୍ଚିଥିବା ଆରମ୍ଭ ହୋଇଛି । ଇଗଲା ସୋଲ୍ଡର ଫାୟାର୍ଡ ଏୟାର ଡିଫେନ୍ସ ଉପରେ ଦୁଇଦେଶ ମଧ୍ୟରେ କାମ ଜାରି ରହିଛି । ରୁଷର ଡିଜାଇନ୍ କରାଯାଇଥିବା ଏକେ-୨୦୩ର ଏକ ଫାକ୍ଟ୍ରି ଉପରେ ପ୍ରଦେଶର ଆମେଠିରେ ସ୍ଥାପନ କରାଯିବ ।

## ଖୋର୍ଦ୍ଧା କଲେକ୍ଟରର ହିରୋ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ଜିଲ୍ଲାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜିଲ୍ଲାପାଳ ଦାୟିତ୍ୱ ତୁଲାଇଥିବା ସଂଗ୍ରାମ କେଶରୀ ମହାପାତ୍ରଙ୍କ କାର୍ଯ୍ୟଧାରା ସମଗ୍ର ରାଜ୍ୟରେ ଚର୍ଚ୍ଚା ଓ ପ୍ରଶଂସନୀୟତା ହୋଇଥିଲା । "ସଂପର୍କବାର୍ତ୍ତା" ତରଫରୁ ଏକ ସର୍ଭେ ରିପୋର୍ଟ ପ୍ରକାଶ ପାଇଥିଲା । ସମଗ୍ର ରାଜ୍ୟରେ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ମହାପାତ୍ର ରାଜ୍ୟରେ ୧ନଂ ଜିଲ୍ଲାପାଳ ଭାବେ ପ୍ରକାଶ ପାଇଥିବାକୁ ବିଭିନ୍ନ ମହଲରେ ସ୍ୱାଗତ ମଧ୍ୟ କରାଯାଇଥିଲା । ଶ୍ରୀ ମହାପାତ୍ରଙ୍କ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ଗତ ଅକ୍ଟୋବର ୨୨ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ କରୁଆସୁଛନ୍ତି । ତାଙ୍କର ସେହି ପୂର୍ବ



କାର୍ଯ୍ୟଶୈଳୀକୁ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି । ଯାହାଫଳରେ ପ୍ରାୟ ଦେଢ ମାସ ହେବ ଖୋର୍ଦ୍ଧାର ଜିଲ୍ଲାପାଳ (ପୃଷ୍ଠା-୨)

## ପୁଲିସ ଓ ତହସିଲକୁ ଲକ୍ଷେ ଲକ୍ଷେ ଦେଇଛି, ମୋର କିଏ ବଙ୍କା କରିବ ଦେଖିବି

**କଟକ(ସଂପର୍କ ବାର୍ତ୍ତା):-** କନ୍ହେଇପୁର ମହାନଦୀ ବାଲିଘାଟରୁ ଦିନ ଦ୍ୱିପ୍ରହରରେ ବାଲି ଚୋରି ହେଉଛି । ପୂର୍ବରୁ ଲଗାତାର ଭାବେ ନମ୍ବର ବିହୀନ ଟ୍ରାକ୍ଟରରରେ ରାତିରେ ବାଲି ଉଠୁଥିଲା ବେଳେ ଏବେ ସ୍ପଷ୍ଟ ଦିବାଲୋକରେ ବାଲି ମାଫିଆଙ୍କ ଉପସ୍ଥିତିରେ ବାଲି ଉଠୁଛି । ପୁଲିସ ଓ ପ୍ରଶାସନର ଜାଣତରେ ଏଭଳି ବାଲି ଚୋରି ହେଉଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ କନ୍ହେଇପୁର ବାସିନ୍ଦା । ପ୍ରଶାସନିକ ସ୍ତରରେ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ତହସିଲଦାର ଓ ଅନ୍ୟ ପଦାଧିକାରୀ ମାନଙ୍କ ଉପସ୍ଥିତିରେ ବାଲି ଚୋରି ରୋକିବାପାଇଁ ଘନଘନ ବୈଠକ ବସୁଛି । ଏପଟେ କିନ୍ତୁ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇ ସେମାନଙ୍କୁ ଧରିବା ବଦଳରେ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଆଜି ସକାଳ ୬ଟା ସମୟରେ ନିଜେ ବାଲି ମାଫିଆ ଉପସ୍ଥିତ ରହି ନମ୍ବର ବିହୀନ ଟ୍ରାକ୍ଟରରରେ ବାଲି ଉଠାଉଥିବା ଦେଖିବାକୁ ମିଳିଲା । ବାଲି ଘାଟକୁ କିଛି ଯୁବକ ଆସି ବାଲି ନ ଉଠାଇବାକୁ ବାରଣ କରିଥିଲେ ମଧ୍ୟ ସେ ଶୁଣି ନଥିଲେ । କନ୍ହେଇପୁର ଉତ୍ତର ଭାଗରେ ଅବସ୍ଥିତ ନଦୀବନ୍ଧ ଠାରୁ ନଈକୂଳ ପର୍ଯ୍ୟନ୍ତ ଘର ତିଆରି ହୋଇଛି । ଦୁଇ ପଟେ ପାଚେରୀ ନିର୍ମାଣ ହୋଇଛି । ସମ୍ମୁଖରେ ବଡ଼ ଗେଟ୍ ଲାଗିଛି । ପଛପଟେ ନଈ ଭିତରକୁ ଯିବାକୁ ଫାଙ୍କା ରାସ୍ତା ନିର୍ମାଣ ହୋଇଛି । ପଛପଟେ ରାସ୍ତାରେ ନଈରୁ ବାଲି ଉଠାଯାଇ ଅପରପାର୍ଶ୍ୱ ନଦୀବନ୍ଧ କଡ଼ ଗାନ୍ଧୀ କଲୋନି ଠାରୁ ନେହେରୁ କଲୋନି, କନ୍ହେଇପୁର, ଜାଭିୟର୍ସ ହାଇସ୍କୁଲରର ପଛପଟ, ଖେଳ ପଡ଼ିଆରେ ଜମା ହେଉଛି । ପରେ ତାହାକୁ ବିକ୍ରି କରାଯାଉଛି । ପ୍ରତିଦିନ ୧୫ ରୁ ୨୦ ଟ୍ରିପ୍ ବାଲି ନଦୀରୁ ଉଠାଯାଇ ଟ୍ରାକ୍ଟର ଟ୍ରିପ୍ ଏକ ହଜାର ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଛି । ନଈରେ ପାଣି ଥିବା ସମୟରେ ଜାଭିୟର୍ସ ହାଇସ୍କୁଲରେ ପାଖାପାଖି ଦୁଇ ଶହେ ଟ୍ରିପ୍ ଜମା କରିଥିବା ବାଲିକୁ ଦୁଇଗୁଣ (ପୃଷ୍ଠା-୨)

## ବିଜେପିର କୋର ଟିମ୍ ବୈଜୟନ୍ତ ସାମିଲ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ମୁଖ୍ୟ ବରୋଧୀ ଦଳ ବିଜେପି ଓଡିଶାରେ ନିଜର ସଂଗଠନକୁ ସୁଦୃଢ କରିବା ସହ ନିର୍ବାଚନୀ ସଫଳତା ହାସଲ ନିମନ୍ତେ ନୂଆ ରଣନୀତି ପ୍ରସ୍ତୁତ କରିଛି । ପ୍ରଥମଥର ପାଇଁ ଦଳ ରାଜ୍ୟରେ ସଂଗଠନକୁ ପରିଚାଳନା ନିମନ୍ତେ ୧୭ଜଣିଆ କୋର୍ ଟିମ ଗଠନ କରିଛି । ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଗଠିତ ଏହି କୋର୍ କମିଟିରେ ସାଂସଦ ଅପରାଜିତା ଷଡଙ୍ଗୀ ଓ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ସ୍ଥାନ ମିଳିନଥିବାବେଳେ (ପୃଷ୍ଠା-୨)



### ଅପରାଜିତା ଓ ବିଜୟଙ୍କୁ ନୋ ଏଣ୍ଟ୍ରି

## ନୂଆବଜାର ଓଭରବ୍ରିଜରେ ନିମ୍ନମାନର ଫୁଟ୍‌ଫାତ୍

**କଟକ(ସଂପର୍କବାର୍ତ୍ତା):-** ୨୦୧୪ ମସିହାରେ ୩୮ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିଲା ନୂଆବଜାର ଓଭରବ୍ରିଜ । ଓଭରବ୍ରିଜ ଦୁଇ ପାଶ୍ୱରେ ପଥଚାରୀଙ୍କ ପାଇଁ କାମରେ ଠିକାଦାର ଏବେ ଏହି ଫୁଟ ପାଥକୁ ଅଧିକାଂଶ ସ୍ଥାନରେ ଭାଙ୍ଗିରୁଜି ଦେଇଥିବାବେଳେ ଏହା ଏବେ ପଥଚାରୀଙ୍କ ପାଇଁ ବିପଦସଂକୁଳ ସ୍ଥିତି ସୃଷ୍ଟି କରିଛି । ଏହି ଓଭରବ୍ରିଜ ଉପରେ ଠିକାଦାର ଏବଂ ଦାୟିତ୍ୱରେ ଥିବା ଇଞ୍ଜିନିୟର ସଲାସୁତୁରା ହୋଇ କାମରେ ସିମେଣ୍ଟ ମୋଟରୁ ଦିଆଯାଉନି କି ଠକାଦାର କୌଣସି କାମରେ ପାଣି ଦେଉନାହାନ୍ତି ।

### ମର୍ଣ୍ଣିଂ ଓ ଇଭିନିଂ ୱାର୍କରେ ଯିବା ବିପଦ

ଟାଇଲ୍ ବିଛାଇ ଫୁଟ ପାଥ ନିର୍ମାଣ ହୋଇଥିଲା । ଏହି ଫୁଟ ପାଥରେ ଦୈନିକ ଶହଶହ ଲୋକମାନେ ମର୍ଣ୍ଣିଂ ଓ ଇଭିନିଂ ୱାର୍କ କରନ୍ତି । କିନ୍ତୁ ଗ୍ୟାସ ପାଇପ ସଂଯୋଗ ପାଇଁ ବେପରୱା ସକାଳେ ସନ୍ଧ୍ୟାରେ ଗ୍ଲିକି ଯାଉଥିବା ବରିଷ୍ଠ ନାଗରିକ ଓ ମହିଳାମାନଙ୍କୁ ପଗ୍ଲରିବାରୁ କୁହନ୍ତି ପୂର୍ତ୍ତ ବିଭାଗ ପକ୍ଷରୁ ହେଉଥିବା କାମ ଅତ୍ୟନ୍ତ ନିମ୍ନମାନର କରାଯାଉଛି କାମ ନେଉଥିବା ଯାହାଫଳରେ କାମ ହେବାର ଗୋଟିଏ ମାସ ବି ଯାଉନି । ଠିକାଦାର ତା ପେମେଣ୍ଟ ପାଇଯାଉଛି । ଇଞ୍ଜିନିୟର ତାର ପ୍ରସେଣ୍ଟେଜ୍ ନେଉଯାଉଛି । ଏପଟେ (ପୃଷ୍ଠା-୨)

# ଶାହରୁଖ ଖାନ ଆକ୍ରୋଶର ଶିକାର ହୋଇଛନ୍ତି:ମମତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ମୁମ୍ବାଇରେ ମେଗାଷ୍ଟାର ଶାହରୁଖ ଖାନ୍ ଏକ ଆକ୍ରୋଶର ଶିକାର ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି(ବିଜେପି) ଉପରେ ହାମ୍‌ଲା କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ଏହାକୁ ଏକ ନିଷ୍ଠୁର ଏବଂ ଅଗତାନ୍ତ୍ରିକ ଦଳ ବୋଲି କହିଛନ୍ତି।



ଏକ ଦୁଇଦିନିଆ ମହାରଷ୍ଟ୍ର ଗସ୍ତରେ ଆସିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ଆଜି ମୁମ୍ବାଇ ଠାରେ ଆୟେଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେବା ଅବସରରେ କହିଛନ୍ତି ଯେ ଆମେ ଏକ ନିଷ୍ଠୁର ଅଗଣତାନ୍ତ୍ରିକ ଦଳର ସମ୍ମୁଖୀନ ହୋଇଛୁ। ଚଳଚ୍ଚିତ୍ର ନିର୍ଦ୍ଦେଶକ ମହେଶ ଭଟ୍ଟ ଏବଂ ମେଗାଷ୍ଟାର ଶାହରୁଖ ରାଜନୈତିକ ଆକ୍ରୋଶର ଶିକାର ହୋଇଛନ୍ତି। ଏପ୍ରକାର ସ୍ଥିତିକୁ ଯଦି ଆମକୁ ଜିତିବାକୁ ପଡିବ,ତେବେ ଆମକୁ ଯୁଦ୍ଧ କରିବାକୁ ପଡିବ ଏବଂ ଆପଣମାନଙ୍କୁ ଯେଉଁଠାରେ ସମ୍ଭବ ଯାହା ସତ୍ୟ ତାହା କହିବାକୁ ପଡିବ। ଆପଣ ଆମକୁ ମାର୍ଗଦର୍ଶନ କରନ୍ତି ଏବଂ ଏକ ରାଜନୈତିକ ଦଳ ଭାବରେ ଆମକୁ ପରାମର୍ଶ ଦିଅନ୍ତି ବୋଲି ଶ୍ରମତୀ ବାନାର୍ଜୀ ସଭାରେ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନଙ୍କୁ ସମ୍ବୋଧନ କରି କହିଛନ୍ତି। ଆଜିର ବୃଦ୍ଧିଜୀବୀ ସମ୍ମିଳନୀରେ ହାଇକୋର୍ଟର ପୂର୍ବତନ ବିଚାରପତି ଶଫି ପରକର ଏବଂ ଅଭୟ ତିପ୍ସେ, ତୁଷାର ଗାନ୍ଧୀ,ସାମାଜିକ କାର୍ଯ୍ୟକର୍ତ୍ତା ତସ୍ତା ସେତାଲବଦ୍ ଏବଂ ମେଧା ପାଟକର,ପୂର୍ବତନ କଂଗ୍ରେସ ନେତା ସଞ୍ଜୀୟ ଝା,ସୁଧେନ୍ଦ୍ର କୁଲକର୍ଣ୍ଣି,ଶତ୍ରୁଘ୍ନ ସିହ୍ନା,ଲେଖକ ଶୋଭା ଦେ ଏବଂ ସ୍ୱରା ଭାସ୍କର, ରାହୁଲ ବୋଷ ଏବଂ କୋଙ୍କୋନା ସେନ୍ ଶର୍ମାଙ୍କ ସମେତ ବଲିଉଡର ବାହୁ କଳାକାର ଯୋଗ ଦେଇଥିଲେ।

# ITDC ଚେୟାରମ୍ୟାନ ସମ୍ବିତ ପାତ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜେପିର ପ୍ରବକ୍ତା ତଥା ଓଡିଆ ପୁଅ ସମ୍ବିତ ପାତ୍ରଙ୍କୁ ମିଳିଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ। ବୁଧବାର ସମ୍ବିତଙ୍କୁ ଭାରତୀୟ ପର୍ଯ୍ୟଟନ ବିକାଶ ମନ୍ତ୍ରଣାଳୟର ଚେୟାରମ୍ୟାନ ଭାବେ ନିଯୁକ୍ତି କରାଯାଇଛି। ପୂର୍ବରୁ ସମ୍ବିତ ଓଏନଜିସିର ଚେୟାରମ୍ୟାନ ଭାବରେ କର୍ଯ୍ୟ କରି ସାରିଛନ୍ତି।



ପର୍ଯ୍ୟଟନ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରେ ମୋହର ମାରିବା ସହିତ କ୍ୟାବିନେଟ କ୍ୟାବିନେଟ ପକ୍ଷରୁ ସମ୍ବିତଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ରହିଥାଏ ସିଏମଡି ପଦକୁ ବିଭାଜନ କରାଯିବା ସହିତ ସମ୍ବିତଙ୍କୁ ଚେୟାରମ୍ୟାନ ଭାବେ ନିଯୁକ୍ତ ଦିଆଯାଇଛି। ପୂର୍ବରୁ ରହିଥିବା ସିଏମଡି ପଦକୁ ବିଭାଜନ କରିଯିବା ସହିତ ସମ୍ବିତଙ୍କୁ ଚେୟାରମ୍ୟାନ ଏବଂ ଆଇଏଏସ ଗଞ୍ଜୀ କମଲା ଭିଙ୍କୁ ପରିଚାଳନା ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ଆସନ୍ତାନ ୩ ବର୍ଷ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ବିତ ଏହିପଦବୀରେ ରହିବେ। ବିଜେପିର ପ୍ରବକ୍ତା ରହିଥିବା ସମ୍ବିତ ପାତ୍ର ୨୦୧୭ରେ ଓଏନଜିସିର ନିର୍ଦ୍ଦେଶକ ଭାବରେ ରହିଥିଲେ। ୨୦୧୯ରେ ପୁରୀରୁ ସାଂସଦ ଭାବରେ ଛିଡା ହୋଇଥିଲେ ହେଁ ବିଜେଡିର ପିନାକୀ ମିଶ୍ରଙ୍କ ନିକଟରୁ ୧୧୭୦୦ ଭୋଟରେ ପରାଜିତ ହୋଇଥିଲେ।

# ବିଜେପିରୁ ଭିନେ ହୋଇ ବସୁନ୍ଧରା ଗଢି ପାରନ୍ତି ସଂଗଠନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରାଜସ୍ଥାନ ରାଜନୀତି ଗତି କୁଆଡେ। ଏହା କହିବା ବହୁତ ମୁସ୍କିଲା କାରଣ ପଞ୍ଜାବ ପରି ରାଜସ୍ଥାନ ବିଜେପିରେ ଚହଳ ପଡି ଯାଇଛି। ତେବେ ରାଜ୍ୟ ବିଜେପି ସଭାପତି ସେମିତି କିଛି ହେଉନଥିବା କହି ପ୍ରଶ୍ନକୁ ଏଡାଇ ଯାଇଛନ୍ତି। ରାଜେ ଗତ ସପ୍ତାହରେ ଏକ ଧାର୍ମିକ ଯାତ୍ରା ଆରମ୍ଭ କରିଥିଲେ। ଏଥିରେ ସେ ରାଜସ୍ଥାନର ସମସ୍ତ ମନ୍ଦିରରେ ପୂଜା କରିବା ସହ କୋଭିଡ୍-୧୯ରେ ପ୍ରାଣ ହାରଇଥିବା ବିଜେପି ନେତାଙ୍କୁ ଭେଟିଛନ୍ତି। ସେ ଉଦୟପୁର, ବାଂଶବାଡା, ଭିଲଓ୍ୱାଡା, ଆଜମେର,ପାଲି ଏବଂ ଚିତୌଗଡ ଜିଲ୍ଲାରେ ଯାତ୍ରା କରିଛନ୍ତି। ଏହି ସମୟରେ ଜନସଭାର ଆୟୋଜନ ମଧ୍ୟ ହୋଇଥିଲା ବସୁନ୍ଧରା ଏହି ଯାତ୍ରା ଉପରେ ରାଜ୍ୟ ବିଜେପି କେନ୍ଦ୍ରୀୟ ନେତୃତ୍ୱକୁ ଏକ ରିପୋର୍ଟ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଯାତ୍ରାରେ ଯୋଗ ଦେଇଥିବା ବିଜେପି ବିଧାୟକ, ସାଂସଦ ଏବଂ ପୂର୍ବତନ ବିଧାୟକଙ୍କ ତାଲିକା ମଧ୍ୟ ପଠାଯିବ। ପାର୍ଟିର ପତାକାର ବ୍ୟବହାର, ବିଭିନ୍ନ ବୈଠକ ସମୟରେ ପ୍ରଦର୍ଶିତ ପୋଷ୍ଟର ଏବଂ ନାରାବାଜିର ମଧ୍ୟ ସୂଚନା ଦିଆଯିବ। ରାଜ୍ୟ ନେତୃତ୍ୱଙ୍କ ସବୁଠୁ ବଡ ଚିନ୍ତାର ବିଷୟ ରାଜେଙ୍କ ଏହି ଯାତ୍ରାରେ ଅନେକ ବିଧାୟକ ଏବଂ ସାଂସଦ ସାମିଲ୍ ହେବା ଏବଂ ଏଥିରେ ନେତାଙ୍କ ଜବରଦସ୍ତ ପ୍ରତିକ୍ରିୟା ଦେଖିବାକୁ ମିଳିବା। କିନ୍ତୁ ବସୁନ୍ଧରା ରାଜେ କହିଛନ୍ତି ଯେ,ତାଙ୍କ ବୋହୂ ଅସୁସ୍ଥ ଥିବା କାରଣରୁ ସେ ରାଜ୍ୟର ବିଜେପି ଶୋକ ସନ୍ତପ ପରିବାରଙ୍କୁ ଭେଟିନଥିଲେ। ଏବେ କରୋନା ପ୍ରକୋପ କମିବାରୁ ମନ୍ଦିର ଦର୍ଶନ ସହ ନେତାଙ୍କ ପ୍ରିୟଜନଙ୍କୁ ସମ୍ମାନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା ରାଜେ କହିଛନ୍ତି, ଯଦି ରାଜ୍ୟ ନେତୃତ୍ୱ ରିପୋର୍ଟ ପଠାଇବାକୁ ଚାହାନ୍ତି ତେବେ ପଠାଇ ପାରିବେ। ହେଲେ ଏଥିରେ ସେମାନଙ୍କୁ କିଛି ମିଳିବାର ନାହିଁ। ଅନେକ ସମୟରେ ରାଜେ ଏବଂ ବିଜେପି ମଧ୍ୟର ଅସନ୍ତୋଷ ଥିବା ପ୍ରତୀତମାନ ହୋଇଛି। ବେଳେ ବେଳେ ବିଜେପିର ପୋଷ୍ଟରରେ ବସୁନ୍ଧରା ରାଜେ ଗାଏବ ଥାଆନ୍ତି। ବିଶେଷ କରି ନିକଟ ଦିନେ ରାଜ୍ୟ ପାର୍ଟି କାର୍ଯ୍ୟାଳୟରେ ଲାଗିଥିବା ପୋଷ୍ଟର ନଥିଲା। ଏହା ପରେ ରାଜେ ଏବଂ ବିଜେପି ମଧ୍ୟରେ ସବୁ କିଛି ଠିକ୍ ନଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ଏବେ ରାଜେଙ୍କ ମନ୍ଦିର ଦର୍ଶନ ହେଉ କି ଜନସଭା,ସେଥିରେ ନେତାଙ୍କ ଆଗମନ ଛୁଟିବା ରାଜ୍ୟ ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି।



# ଭାରତରୁ ବିଦେଶକୁ ବିମାନ ଉଡାଣ ବନ୍ଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଡିସେମ୍ବର ୧୫ ପର୍ଯ୍ୟନ୍ତ ଭାରତରୁ ବିଦେଶକୁ ବିମାନ ଉଡାଣ ମନା ଭାରତରୁ ବିଦେଶକୁ ଆଉ ବିମାନ ଉଡିବ ନାହିଁ ବୋଲି କଟକଣା ଜାରି କରିଛି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ । ଦକ୍ଷିଣ ଆଫ୍ରିକାର ଓମିକ୍ରନ ଭାରିଆଣ୍ଟକୁ ନେଇ ଭୟ ଚାରିଆଡେ ବ୍ୟାପି ଯାଇଛି। ଅନେକ ଦେଶକୁ ମଧ୍ୟ ଏହି ଓମିକ୍ରନ ଭାରିଆଣ୍ଟ ଭୂତାଣୁ ବ୍ୟାପିବାରେ ଲାଗିଛି। ଏହିପରିପ୍ରେକ୍ଷୀରେ



ବେସାମିରକ ବିମାନ ଚାଳଚଳ ମନ୍ତ୍ରାଳୟ ବିଦେଶକୁ ବିମାନ ଉଡିପାରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। କୋଭିଡ ଭାରିଆଣ୍ଟ ଏବେ ସମଗ୍ର ବିଶ୍ୱରେ ଆତଙ୍କ ରଚିଛି।ଏଭିଳି ସମୟରେ ଭାରତକୁ ଶହ ଶହ ଲୋକ ବିଦେଶରୁ ଫେରୁଛନ୍ତି। ସେମାନଙ୍କ ଠାରେ କୋଭିଡ ଭୂତାଣୁ ମଧ୍ୟ ଚିହ୍ନଟ ହେଉଛି। ଭାରତରେ ଓମିକ୍ରନ ଭୂତାଣୁ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କେନ୍ଦ୍ର ସରକାର ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଅନ୍ତରଷ୍ଟ୍ରୀୟ ବିମାନ ସେବାକୁ ବନ୍ଦ କରି ଦେଇଛନ୍ତି। ଏହି କଟକଣା କିଛି ଦିନ ପାଇଁ ଲାଗୁ କରିଯାଇଛି।

# Retired ଅଫିସରଙ୍କୁ ଜୋତାମାଳ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରବିବାର ଅବଦେ୍ଧଶ ପ୍ରତାପ ସିଂ ବିଶ୍ୱବିଦ୍ୟାଳୟର ଉପ ରେଜିଷ୍ଟାର ଲାଲ ସାହବ ସିଂଙ୍କୁ ତାଙ୍କୁ ତାଙ୍କ ଅବସର ଦିନରେ ତାଙ୍କ ସହ କର୍ମଚାରୀମାନେ ଏଭଳି ବ୍ୟବହାର କରିଛନ୍ତି ଯେ ଯାହା ଏକ ସଭ୍ୟ ସମାଜ ପଇଁ କେବେ ବି ଗ୍ରହଣ ଯୋଗ୍ୟ ନୁହେଁ। ଅବସର ଦିନ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ଲାଲ ସାହବ ସିଂଙ୍କୁ ଜୋତାମାଳା ପିନ୍ଧାଇବା ସହ ମୁର୍ଦ୍ଦାବାଦ ନାରା ଲଗାଇଥିଲେ। ଏହାର ଜବାବରେ ଲାଲ ସାହବ ସିଂ କର୍ମଚାରୀମାନଙ୍କୁ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଏବେ ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। କହିରଖୁ କି ଉପ ରେଜିଷ୍ଟାର ଲାଲ ସାହବ ସିଂ ନଭେମ୍ବର ୩୦ତାରିଖରେ ନିଜ ପଦରୁ ଅବସର ନେଲେ। ଏହି ଅବସରରେ ଅବଦେ୍ଧଶ ବିଶ୍ୱବିଦ୍ୟାଳୟର ପ୍ରଶାସନ ତରଫରୁ ତାଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ବି. ଆର ମାଥୁର ସଭାକକ୍ଷରେ ଆୟୋଜିତ କରାଯାଇଥିଲା ହେଲେ କର୍ମଚାରୀ ୟୁନିୟର ଏହି ସଭାକ ବହିଷ୍କାର କରିଥିଲା ସଭାପରେ ଯେତେବେଳେ ଲାଲ ସାହବ ସିଂ କୁଳପତିଙ୍କ ଦପ୍ତରକୁ ଯାଇଥିଲେ ସେତେବେଳେ କର୍ମଚାରୀମାନେ ତାଙ୍କୁ ଘେରି ଯାଇଥିଲେ। ଏହାପରେ କର୍ମଚାରୀମାନେ ମିଳିତ ଭାବେ ମୁର୍ଦ୍ଦାବାନ ନାରା ପକାଇବା ସହ କିଛି କର୍ମଚାରୀ ଲାଲ ସିଂଙ୍କ ଗଳାରେ ଜୋତାମାଳ ପିନ୍ଧାଇଥିବା କର୍ମଚାରୀଙ୍କୁ ଧନ୍ୟବାଦ ଦେଇ ସେଠାରୁ ବାହାରି ଯାଇଥିଲେ। ଏହାର କାରଣ ଭାବେ କୁହାଯାଇଛି କି ଏହା ପୂର୍ବରୁ ବିଶ୍ୱବିଦ୍ୟାଳୟର କିଛି କର୍ମଚାରୀ ସେବା ନିବୃତ୍ତ ହୋଇଥିଲେ। ହେଲେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସମ୍ବୋର୍ଦ୍ଧିତ କରିବାକୁ କୌଣସି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ନଥିଲା ଏହାଥିଲା ଅନ୍ୟ କର୍ମଚାରୀଙ୍କ ଅସନ୍ତୋଷର କାରଣ। ସେମାନଙ୍କ ମନରେ ଧାରଣା ଥିଲା ଯେ ଅନ୍ୟ କର୍ମଚାରୀଙ୍କୁ ବିଦାୟକାଳୀନ ସଭାରେ ସମ୍ମାନିତ ନକରିବା ପଛରେ ଉପ ରେଜିଷ୍ଟାର ଲାଲ ସାହବ ସିଂଙ୍କର ପ୍ରମୁଖ ହାତ ରହିଛି। ଏହାସହ ସିଂ ସର୍ବଦା କର୍ମଚାରୀମାନଙ୍କ ବିରୋଧରେ କାମ କରୁଥିବା ନେଇ ଅନ୍ୟ କର୍ମଚାରୀମାନେ ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ଯାହାର ପ୍ରତିବାଦ ସେମାନେ ଏଭଳି କରିବାକୁ ନିଷ୍ପତ୍ତି ନେଇଥିଲେ।

# ATMରୁ ଟଙ୍କା ଉଠାଇବା ପୂର୍ବରୁ ମୋବାଇଲକୁ ଆସିବ OTP

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ସର୍ବବୃହତ୍ ସରକାରୀ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ) ପକ୍ଷରୁ କ୍ୟାଶ୍ ଟ୍ରାଞ୍ଜାକସନକୁ ନେଇ ନୂଆ ନିୟମ ଜାରି କରାଯାଇଛି।ଯେଉଁମାନେ ୧୦ହଜାର ଟଙ୍କା ଏଟିଏମରୁ କାଢୁଥିବେ,ସେମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଆସିଛି। ଏଣିକି ଯଦି ଆପଣ ଏହି ପରିମାଣ ଠାରୁ ଅଧିକ ଅର୍ଥ କାଢିବେ, ତେବେ ସେଥିପାଇଁ ଓଟିପିର ସାହାର ନେବାକୁ ପଡିବ। ଓଟିପି ଏକ ସୁରକ୍ଷିତ ଅପସନ ଓଏଥିରେ ଫ୍ରଡର ଭୟ ନଥିବାରୁ ଏସବିଆଇ ଏହି ତାରିକା ଆପଣାଇଛି। ଦିନକୁ ଦିନ ବ୍ୟାଙ୍କ ଟ୍ରାଞ୍ଜାକସନ୍ ଫ୍ରଡ୍

## SBI ଗ୍ରାହକଙ୍କ ପାଇଁ ଆସିଲା ନୂଆ ନିୟମ

ମାମଲା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବିଭିନ୍ନ ସମୟରେ ଗ୍ରାହକଙ୍କ ସୁବିଧା ପାଇଁ ଏସବିଆଇ ଏପରି ନୂଆ ନୂଆ ପ୍ଲାନ୍ ଘୋଷଣା କରିଥାଏ। ତେବେ ଏହି ନୂଆ ନିୟମ ଲାଗୁ ହେବା ପରେ ଓଟିପି ଆପଣଙ୍କ ପଞ୍ଜୀକୃତ ମୋବାଇଲକୁ ଆସିବ। ଉକ୍ତ ଓଟିପିକୁ ଉପଯୋଗକରି ଆପଣ ଏଟିଏମରୁ ଅର୍ଥ ଉଠାଇ ପାରିବେ। ଗତ ୨୦୨୦ମସିହାରେ ବ୍ୟାଙ୍କ ପକ୍ଷରୁ ଓଟିପି ଆଧାରିତ ଏଟିଏମ ନେଣଦେଣସୁବିଧା ଆରମ୍ଭ କରାଯାଇଥିଲା ତେବେ ଏସବିଆଇର ଗ୍ରାହକ ଯଦି ଅନ୍ୟ ବ୍ୟାଙ୍କର ଏଟିଏମରୁ ଅର୍ଥ ଉଠାଣ କରିବେ, ସେ କ୍ଷେତ୍ରରେ ଏହି ନିୟମ କାର୍ଯ୍ୟକାରୀ ହେବ ନାହିଁ। ନ୍ୟାସନାଲ ଫାଇନାନ୍ସିଆଲ ସ୍ୱିଚ(ଏନଏଫଏସ) ଲାଗୁ ହେବା ପରେ ଗ୍ରାହକମାନେ ଅନ୍ୟ ଏଟିଏମରୁ ମଧ୍ୟ ଅର୍ଥ ଉଠାଇ ପାରିବେ ବୋଲି ଏସବିଆଇ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଖୋର୍ଦ୍ଧା...

ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଉକ୍ତ ଜିଲ୍ଲାରେ କର୍ମଚାରୀଙ୍କ ଅନିୟମିତତା ଓ ବେଆଇନ୍ କାରବାର ଉପରେ ବ୍ରେକ୍ ଲଗାଯିବ। ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଜିଲ୍ଲାପାଳଙ୍କୁ ନେଇ ବେସ୍ ଆଲୋଚନା ହେବା ସହିତ ପ୍ରଶଂସା ମଧ୍ୟ କରାଯାଉଛି। ଅଧିକାଂଶ ମୁହଁରୁ ଶୁଣିବାକୁ ମିଳୁଛି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା ଜିଲ୍ଲାର ହିରୋ ବୋଲି କୁହାଯାଉଛି। ନିକଟରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ସଂଲଗ୍ନ ଥିବା ଅନ୍ୟ ବିଭାଗର କେତେକ କାର୍ଯ୍ୟାଳୟକୁ ଅଧିକାରୀ ଓ କର୍ମଚାରୀ ବିଳମ୍ବରେ ଆସୁଥିବା ଦୃଷ୍ଟିକୁ ଆସିଥିଲା। ଜିଲ୍ଲାପାଳ ଶ୍ରୀ ମହାପାତ୍ର କ୍ଷୁବ୍ଧ ହୋଇ ନିର୍ଦ୍ଧାରିତ ସମୟରେ ଆସୁନଥିବା ୨୩ଜଣ କର୍ମଚାରୀଙ୍କୁ ବିଳମ୍ବରେ ଆସୁଥିବା ନେଇ କାରଣଦର୍ଶାଅ ନୋଟିସ୍ ଜାରି କରିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ସେହି ୨୩ ଜଣ କର୍ମଚାରୀଙ୍କ ମଧ୍ୟରୁ ୬ଜଣ ଅଧିକାରୀ ଥିବା ଉଲ୍ଲେଖ ରହିଛି। ସେହିପରି କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଥିବା ଅବସରପ୍ରାପ୍ତ କର୍ମଚାରୀ ଶ୍ରୀନିବାସ ସ୍ୱାଇଁଙ୍କୁ କାର୍ଯ୍ୟରୁ ନିବୃତ୍ତ କରାଯାଇଛି। ସେହିପରି ସମାୟାନୁବର୍ତ୍ତି ନ ହୋଇ ବିଶୃଙ୍ଖଳିତ ହେବାରୁ ନିଜ ବ୍ୟକ୍ତିଗତ ସହାୟକ ଦୁର୍ଗାଚରଣ ହୋତା ଓ ରାକେଶ କୁମାରଙ୍କୁ ବଦଳି କରାଯାଇଛି। ଏହା ସହ ୨ଜଣ ଜିଆର୍ଏସ୍(ଗ୍ରାମ ରୋଜଗାର ସେବକ)ଙ୍କୁ ବଦଳି କରାଯାଇଥିବା ପ୍ରକାଶିତ ଖବରରେ ଉଲ୍ଲେଖ ରହିଛି। ଏହି ଖବର ସ୍ଥାନୀୟ ଅଞ୍ଚଳର ପାଠକମାନେ ପାଠ କରି ବେସ୍ ଉଲ୍ଲସିତ ହୋଇପଡିଥିବା ଏବଂ ଦୁର୍ନୀତି, ବେଆଇନ୍ ଓ ଅନିୟମିତତାକାରୀଙ୍କ ଉପରେ ଅଙ୍କୁଶ ଲଗାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଆସୁଛି। ଏପରିକି ଖୋର୍ଦ୍ଧା ଜିଲ୍ଲାରେ ଅତୀତରେ ଯେଉଁ ସବୁ ଜିଲ୍ଲାପାଳମାନେ କାର୍ଯ୍ୟକରି ଯାଇଛନ୍ତି ସେମାନଙ୍କର ଏସବୁ ଦୁର୍ନୀତି ବେଆଇନ୍ ଅନିୟମିତତା ପ୍ରତି କେତେ ଦୃଷ୍ଟି ରହିଥିବା ବା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରାଯାଇନାହିଁ। ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ଖୋର୍ଦ୍ଧା ଜିଲ୍ଲାର ବହୁ ବୁଦ୍ଧିଜୀବୀ ପ୍ରଶଂସା କରି ସମର୍ଥନ ଦେବାକୁ ପ୍ରସ୍ତୁତ ଥିବା ଆଲୋଚନା କରୁଛନ୍ତି। ଆଗକୁ ଖୋର୍ଦ୍ଧା ଜିଲ୍ଲାରେ ବିଶୃଙ୍ଖଳିତ କର୍ମଚାରୀ ଓ ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀମାନେ ପରାମର୍ଶ ଦେଉଥିବା ଲକ୍ଷ୍ୟ କରାଯାଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ମହାପାତ୍ର ଖୋର୍ଦ୍ଧା ଜିଲ୍ଲା ପାଇଁ ହିରୋ ଆଖ୍ୟା ଦିଆଯାଇ ଆଲୋଚନା କରାଯାଉଛି।

### ବିଜେପିର...

ରାଜ୍ୟରେ ଦଳ ଓ ସଂଗଠନର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ଭାବେ ଏହା କାର୍ଯ୍ୟ କରିବ ବୋଲି ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ,ଓଡିଶାରେ ବିଜେପିକୁ ତୃଣମୂଳସ୍ତରରେ ଅଧିକ ସଂଗଠିତ ଓ ସୁଦୃଢ କରିବା ସହ ନିର୍ବାଚନୀ ସଫଳତା କିଭଳି ମିଳିପାରିବ ସେ ନେଇ କେନ୍ଦ୍ରୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତ କରିଛନ୍ତି। ଦଳ ଏବେ କୌଣସି ଜଣେ ନେତାଙ୍କ ଭରସାରେ ନରହି କୋର୍ ଟିମ୍ ମାଧ୍ୟମରେ ରାଜ୍ୟର ସଂଗଠନକୁ ସୁଦୃଢ ଓ ଫଳପ୍ରସୂ କରାଇବାକୁ ଲକ୍ଷ୍ୟ ରଖିଛି। ବିଜେପି ରଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଓଡିଶା ବିଜେପି ନିମନ୍ତେ ଏକ କୋର କମିଟି ଗଠନ କରିଛନ୍ତି। ଏହି କମିଟି ନିଶ୍ଚିତ ଭାବେ ପ୍ରତିମାସରେ ଥରେ ବୈଠକ କରିବ ବୋଲି ଶ୍ରୀ ନଡ୍ଡା ନିର୍ଦ୍ଦେଶ ଦେଇଛନ୍ତି।

### ପୁଲିସ...

ଦରରେ ବାଲି ମାଫିଆ ବିକ୍ରି କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେହି ସମୟରେ ହାଇଓ୍ୱା ପିଛା ୪ ହଜାର ୫୦୦, ଆନ୍ଧ୍ର ଗାଡ଼ି ଟ୍ରିପ୍ ବାଲି ୨ ହଜାର ଟଙ୍କାରେ ବିକ୍ରି କରିଛନ୍ତି। ଓ୍ୱାର୍ଡ ନଂ ୫୪ର ପୂର୍ବତନ କର୍ପୋରେଟର ତାପସ ରଞ୍ଜନ ସାମନ୍ତରାୟ କହିଛନ୍ତି ଯେ ପୁଲିସ ଓ ପ୍ରଶାସନ ଜାଣତରେ ଏଭଳି ବାଲି ଚୋରି ଚାଲିଛି। ଏଥିରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଛି। କହ୍ନେଇପୁରର ଅବକାଶ ପାଣି, ଆର୍ଶୀବାଦ ପାଣି ପ୍ରମୁଖ କହିଛନ୍ତି ଯେ ସେମାନେ ବାଲି ମାଫିଆକୁ ଧରି ଆଉ ବାଲି ନ ଉଠାଇବାକୁ ବାରଣ କରିଥିଲେ ବି କିଛି ଲାଭ ହେଉନି। ପୁଲିସ, ପ୍ରଶାସନ ପଦକ୍ଷେପ ନେଉ ନଥିବାରୁ ସେ ଏଭଳି କରି ଚାଲିଥିବା ଗ୍ରାମବାସୀ ଅଭିଯାଗ କରିଛନ୍ତି।

### ନୂଆବଜାର...

ଲୋକେ ଝୁଣ୍ଟିକି ଖଣ୍ଡିଆ ଖବରା ହେଲେ ତାଙ୍କର ଯାଏ କେତେ ଆସେ କେତେ ପୂବାଞ୍ଚଳ ବରିଷ୍ଠ ନାଗରିକ ସଂଘ ସଂପାଦକ ଅଗଣି ଚରଣ ନାୟକ, ସଂଗଠନ ସଂପାଦକ ହୃଦାନନ୍ଦ ପଟ୍ଟନାୟକ, ସମାଜସେବୀ ମୃତ୍ୟୁଞ୍ଜୟ ପାତ୍ର କୁହନ୍ତି କଟକ ସହରରେ ଗ୍ୟାସ ପାଇପ୍ ବିଛାଇବାକୁ ନେଇଥିବା ଠିକାଦାର ୨୦ ଫୁଟିଆ ଲୁହ ପାଇପ ଓଭରବ୍ରିଜ୍‌କୁ ଆଣି ତାକୁ ଓ୍ୱେଲଡ଼ିଂ କରି ଫୁଟପାଥ ଓ ବିଜୁ ରାସ୍ତା ଭାଙ୍ଗି ଖଣ୍ଡିଆ ଖବରା କରି ପଳାଇ ଯାଉଛି। ଓଭରବ୍ରିଜ ଉପରେ ଅଳିଆ ଆବର୍ଜନା ଗଦା ହୋଇ ରହିଥିଲେ ବି ତାହା ଉଠାଯାଉନି। ବିଶେଷକରି ପୂର୍ତ୍ତ ବିଭାଗ-୨ ଅଧିନରେ ଥିବା ଖପୁରିଆ ପ୍ରେସ ସେକ୍ସନର ଯନ୍ତ୍ର ନାମକୁ କାମ କରି ଠିକାଦାର ମାଧ୍ୟମରେ ଲକ୍ଷାଧିକ ଟଙ୍କା ଲୁଟି ଚାଲିଛି ବୋଲି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଛି। ଖପୁରିଆ ସେକ୍ସନ-୩କୁ ଭିଜିଲାନ୍ସ ତଦନ୍ତ କଲେ ବଡ଼ ଧରଣର ଦୁର୍ନୀତି ପର୍ଦ୍ଦା ଫାଂସ ହେବ ବୋଲି ଅଭିଯୋଗ ହେଉଛି। କଟକର ଜଣେ ବାହୁବଳି ବିଧାୟକଙ୍କୁ ହାତମୁଠାରେ ରଖି ଇନ୍ଦ୍ର ଚନ୍ଦ୍ର ମାନୁନଥିବା ସାଧାରଣରେ ଆଲୋଚନା ହେଉଛି। ଏ ଦିଗରେ ସର୍ବୋଚ୍ଚ ଯନ୍ତ୍ରୀ ଏବଂ ୫ଟି ସଚିବ ଦୃଢ଼ ପଦକ୍ଷେପ କାହିଁକି ନେଉନାହାନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଯାହାଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ଏଇ ଇଞ୍ଜିନିୟର ଜଣକ ଲୁଟି ଚାଲିଛି ବୋଲି ଅଭିଯୋଗ ହୋଇଥିଲା।

# ଅଯୋଧ୍ୟାକୁ ବିସ୍ଫୋରଣ ଧମକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅଯୋଧ୍ୟାରେ ବିସ୍ଫୋରଣ ଧମକ ମିଳିବା ପରେ ଉତ୍ତର ପ୍ରଦେଶ ପୋଲିସ ହୋଟେଲ ଓ ଧର୍ମଶାଳା, ବସ ଷ୍ଟେସନ ଓ ରେଲଓ୍ୱେ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି। କୌଣସି ଅଜଣା ବ୍ୟକ୍ତି ଫୋନ କରିଏହି ଧମକ ଦେଇଛି। ଏହି ଧମକ ଦେଇଥିବା ଯୁବକ ଅହମଦାବାଦ ସହରର ବୋଲି ଜଣାପଡିଛି। ଧମକ ପରେ ଅଯୋଧ୍ୟା ପ୍ରବେଶ ଦ୍ୱାରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।



# ୧୬୫ ଆତଙ୍କିଙ୍କୁ ସଫା କରିଛି ସେନା; ୩୨ଯବାନ ଶହୀଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବୁଧବାର ରାଜ୍ୟସଭାରେ ଗୃହ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ତଥ୍ୟା ଅନୁଯାୟୀ ୧୬୫ଜଣ ଆତଙ୍କବାଦଙ୍କୁ ନିପାତ କରିଛନ୍ତି ଭାରତୀୟ ଯବାନ। ଚଳିତ ବର୍ଶର ଅକ୍ଟୋବର ମାସ ସୁଦ୍ଧା ଏହିସମ୍ଖ୍ୟାକୁ ଆସିଛି। ମାସରେ ୩୭ଥର ଆତଙ୍କୀ ଆକ୍ରମଣ ହୋଇଥିବା ବେଳେ ଏହା ପୂର୍ବରୁ ଅଗଷ୍ଟରେ ୩୬ଥର ଆତଙ୍କୀ ଆକ୍ରମଣ ହୋଇଛି। ୨୦୧୮ରେ ୪୧୭ଟି ଆତଙ୍କୀ ଆକ୍ରମଣ ହୋଇଥିବା ବେଳେ ୨୦୧୯ରେ ଏହା ୨୫୫ ଏବଂ ୨୦୨୦ରେ ୨୪୪ ରହିଥିଲା ଅକ୍ଟୋବର ସୁଦ୍ଧା ଏହି ଆକ୍ରମଣ ସଂଖ୍ୟା ୨୦୦ଛୁଇଁସାରିଛି। ଚଳିତ ବର୍ଷର ଅକ୍ଟୋବର ସୁଦ୍ଧା ଭାରତୀୟ ଯବାନ୧୬୫ ଜଣ ଆତଙ୍କବାଦୀଙ୍କୁ ନିପାତ କରିଥିବା ବେଳେ ୩୨ ଜଣ ଯବାନ ଶହୀଦ ହୋଇଛନ୍ତି। ସେହିପରି ଜମ୍ମୁ କାଶ୍ମୀର ପୋଲିସର ୧୯ଜଣ ଯବାନ ମଧ୍ୟ ଶହୀଦ ହୋଇଛନ୍ତି।ସେହିପରି ଧୀରେ ଧୀରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ୨୦୧୮ରେ ୧୪୩ଟି ଅନୁପ୍ରବେଶ ହୋଇଥିବା ବେଳେ ୨୦୧୯ରେ ଏହା୧୪୧କୁ ହ୍ରାସ ପାଇଥିଲା।୨୦୨୦ରେ ୫୧ଥର ଅନୁପ୍ରବେଶ ହୋଇଥିବା ବେଳେ ୨୦୨୧ ଅକ୍ଟୋବର ସୁଦ୍ଧା ଏହା ୫୧ରେ ପହଂଚିଛି।



# ଲାଞ୍ଚୁଆ ଇଞ୍ଜିନିୟରକୁ ତଡ଼ିବାକୁ ଜିଦ୍ ଧରିଲେ ବୋଧପୁର ପଞ୍ଚାୟତବାସୀ

**କଟକ ସଦର ବ୍ଲକ୍ ଅନ୍ଦରମହଲ କଥା !**

**କଟକ(ତପନ ମହାନ୍ତି):-** କଟକ ସଦର ବ୍ଲକର ବ୍ଲକ ପ୍ରଶାସନ ବୋଧପୁର ପଞ୍ଚାୟତକୁ ଅଣଦେଖା କରୁଥିବା ନେଇ ଅଭିଯୋଗ। ବୋଧପୁର ପଞ୍ଚାୟତରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରାଇ ନ ଦେବା ଏବଂ ମୋଟା ଅର୍ଥର ପିସି ନେଉଥିବା ଯୋଗୁଁ ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ସରପଞ୍ଚ ଓ ସମିତି ସଭ୍ୟଙ୍କ ନେତୃତ୍ୱରେ କିଛି ଦିନ ତଳେ ବ୍ଲକ ପରିସରରେ ଥିବା ଗାନ୍ଧୀ ମର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ବିଶେଷ କରି ସଦର ବ୍ଲକରେ ଥିବା ସହକାରୀ ଯନ୍ତ୍ରୀ ଏବେ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଦାୟିତ୍ୱରେ ଅଛନ୍ତି। ଇଞ୍ଜିନିୟର ଜଣକ ୧୫% ପିସି ନେଉଥିବା ବୋଧପୁର ପଞ୍ଚାୟତ ବାସୀଙ୍କ ପକ୍ଷରୁ ଅଭିଯୋଗ ହେବାପରେ ଏହାର ସତ୍ୟାସତ୍ୟ ଜାଣିବାପାଇଁ କିଛି ସାମ୍ବାଦିକ ଉକ୍ତ ଇଞ୍ଜିନିୟରଙ୍କୁ ଭେଟିବାକୁ ଗଲାବେଳ ଇଞ୍ଜିନିୟର ଜଣକ କୌଣସି ଉତ୍ତର ଦବାର ଦୂରର କଥା ସାମ୍ବାଦିକ ମାନଙ୍କୁ ଦୂରରୁ ଦେଖି ଦୌଡ଼ି ଦୌଡ଼ି ଅଫିସ କ୍ୱାଟର ଭିତରେ ପଶି କବାଟ କିଳି ଦେଇଥିଲେ। ଘର ବାହାରେ ସାମ୍ବାଦିକମାନେ ବହୁ ସମୟ ଅପେଶ କରିବା ପରେ ସେଠାରୁ ଚାଲି ଆସିଥିଲେ। ଏହି ଘଟଣାଟି ଉକ୍ତ ଅଞ୍ଚଳରେ ପ୍ରଚାରିତ ହେବାପରେ କୌତୁହଳ ସୃଷ୍ଟି କରିଥିଲା। ଏହି ଭିଡ଼ିଓଟି ମୋବାଇଲରୁ ମୋବାଇଲକୁ ଘରୁରି ବୁଲୁଛି। ଅର୍ଥ ଲୋଭି ଏକଜିକ୍ୟୁଟିଭି ଇଞ୍ଜିନିୟରଙ୍କ ଯୋଗୁଁ ରାଜ୍ୟ ସରକାର ବଦନାମ୍ ହେଉଛନ୍ତି ବୋଲି ଧାରଣାରେ ବସିଥିବା ସରପଞ୍ଚମାନଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଇଞ୍ଜିନିୟରଙ୍କ ଯେଗୁ ମହିଳା ସରପଞ୍ଚ ଦୁଇ ମାସର ଛୋଟ ପିଲାଟିକୁ ଧରି ଧାରଣାରେ ବସି ରହିଥିଲେ। ଏହାପରେ ବିଡ଼ିଓଙ୍କ ସହିତ ଏକ ପ୍ରତିନିଧିମୂଳକ ଯାଇ ସେମାନଙ୍କୁ ବୁଝାଇଥିଲେ। ବିଡ଼ିଓ ୭ଦିନ ମଧ୍ୟରେ ଏହାର ସମାଧାନ କରିଦେବେ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ସମସ୍ତ ଗୃହକୁ ଆସି ଗୃହ ଚାଲିଥିବା ବୈଠକରେ ସହଯୋଗ କରିଥିଲେ। ଏହାପରେ ବୋଧପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ କହିଥିଲେ ସାତଦିନ ମଧ୍ୟରେ ସମାଧାନ କରିବା ସହିତ ଲାଞ୍ଚୁଆ ଇଞ୍ଜିନିୟରକୁ ଏଠାରୁ ତୁରନ୍ତ ତଡନ୍ତୁ ନଚେତ୍ ଆମେ ବାଧ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ମନ୍ତ୍ରୀ ପଦ୍ମିନୀ ଦିଆନଙ୍କର ହସ୍ତତନ୍ତ ବଜାର ପରିଦର୍ଶନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହାୟତାରେ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟରେ 'ବୟନିକା' ଦ୍ୱାରା ହସ୍ତତନ୍ତ ବଜାର ଗତ ୨୫ ତାରିଖରୁ ଚଳିତ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ବଜାରକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ପରିଦର୍ଶନ କରିଥିଲେ। ତାଙ୍କ ସହିତ ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା, ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, 'ବୟନିକା'ର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଓ ଅନ୍ୟାନ୍ୟ ପଦାଧିକାରୀମାନେ ମଧ୍ୟ ପରିଦର୍ଶନ କରିଥିଲେ।



ବଜାରରେ 'ବୟନିକା' ବ୍ୟତୀତ ୧୪ଟି ବୟନମଣ୍ଡଳର ୩୩ଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶିତ ଓ ବିକ୍ରୟ ହେଉଛି। ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ବାନ୍ଧ ସିଲ୍କ ଶାଢ଼ି, ବମକେଇ ଶାଢ଼ି, ବରଗଡ ଜିଲ୍ଲାର କଟନ୍ ବାନ୍ଧ ଶାଢ଼ି, ବେଡ୍‌ସିଟ୍, ଆଠଗଡର ଖଣ୍ଡୁଆ ଓ ମାଣିଆବନ୍ଧ ଶାଢ଼ି, କଟକ ଗୋପାଳପୁର ଟସର ବସ୍ତ୍ର, ବ୍ରହ୍ମପୁର ସୂତା ଶାଢ଼ି ଏବଂ କୋରାପୁଟ ଜିଲ୍ଲାର କୋଟପାଡ ବସ୍ତ୍ର ଇତ୍ୟାଦି ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ଉତ୍ପାଦିତ ବସ୍ତ୍ର ପ୍ରଦର୍ଶିତ କରାଯାଇଛି। ମନ୍ତ୍ରୀ ଶ୍ରୀମତୀ ଦିଆନ୍ ଓ ବିଭାଗୀୟ ଶାସନ ସଚିବ ପ୍ରତ୍ୟେକ ଷ୍ଟଲ ବୁଲି ବୁଣାକାରମାନେ ପ୍ରସ୍ତୁତ କରିଥିବା ନୂତନ ଡିଜାଇନ୍ ବସ୍ତ୍ରଗୁଡିକ ଦେଖିବା ସହିତ ନୂତନ ଡିଜାଇନ୍‌ର ବସ୍ତ୍ର ବୁଣି ବୁଣାକାରମାନେ ଅଧିକ ଉପାର୍ଜନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ।

ଉପରୋକ୍ତ ୩୩ଟି ସମିତି ବ୍ୟତୀତ ଏକାମ୍ର କୁଟୀରରେ ଅନ୍ୟ ୪୪ଟି ପ୍ରାଥମିକ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ବଜାରରେ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଅଂଶଗ୍ରହଣ କରିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଏହି ହସ୍ତତନ୍ତ ବଜାରକୁ ଦର୍ଶକ ଓ ଗ୍ରାହକମାନେ ଆସି ସେମାନଙ୍କର ଆବଶ୍ୟକୀୟ ବସ୍ତ୍ର କ୍ରୟ କରୁଛନ୍ତି। ଡିସେମ୍ବର ୧ ତାରିଖ ସୁଦ୍ଧା ହସ୍ତତନ୍ତ ବଜାରରେ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବିକ୍ରୟ ହୋଇଛି।

କରୋନା ପରବର୍ତ୍ତୀ ସମୟରେ ଆୟୋଜିତ ହୋଇଥିବା ଏହି ହସ୍ତତନ୍ତ ବଜାର ବୁଣାକାରମାନଙ୍କର ଗଚ୍ଛିତ ଲୁଗା ବିକ୍ରି ହେବାରେ ସହାୟକ ହୋଇଛି ବୋଲି ଅଂଶଗ୍ରହଣକାରୀ ବୁଣାକାରମାନେ ମତ ଦେଇଛନ୍ତି।

# ସମ୍ବାଦପତ୍ର ହକର୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-**୩୦.୧୧.୨୧; ସୂଚନା ଓ ସମ୍ବାଦ ପ୍ରସାରଣରେ ହକର୍ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖରା, ବର୍ଷା, ଶୀତ ସବୁ ସମୟରେ ସୂର୍ଯ୍ୟୋଦୟରେ ପୂର୍ବରୁ ସେମାନଙ୍କର ଆରମ୍ଭ ହୋଇଥାଏ କର୍ମମୟ ଜୀବନ। ଜନସାଧାରଣଙ୍କୁ ଖବର ସହ ଯୋଡିବାରେ ତାଙ୍କର ଭୂମିକା ଓ ସଂଘର୍ଷକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମ୍ବାଦପତ୍ର ହକର୍ ମାନଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନା ଅନୁଯାୟୀ ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଥିବା ସମ୍ବାଦପତ୍ର ହକର୍ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ। ଏହି ଯୋଜାନା ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୧ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ। ସେହିପରି ଦୁର୍ଘଟଣା ଯୋଗୁ ସଂପୂର୍ଣ୍ଣ ଅକ୍ଷମ ହୋଇଥିବା ହକର୍ ମାନଙ୍କୁ ଦେଢ ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମ ହୋଇଥିବା ହକ୍ର ମାନଙ୍କୁ ଦେଢ ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ଉଭୟ ଅଙ୍ଗ ହରାଇଥିବା(କ୍ଷକ୍ଟସ୍ୱସ୍ୱ କ୍ଟଲ କ୍ଟଭର କ୍ଷସଙ୍କଭ)ବ୍ୟକ୍ତିଙ୍କୁ ୮୦ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗ ହରାଇଥିବା(କ୍ଷକ୍ଟସ୍ୱସ୍ୱ କ୍ଟଲ କ୍ଟଭର କ୍ଷସଙ୍କଭ) ବ୍ୟକ୍ତିଙ୍କୁ ୪୦ହଜାର ଟଙ୍କା ସହାୟତା ଦିଆଯିବ। କୋଭିଡ ଯୋଗୁ ସେମାନେ ସମ୍ମୁଖୀନ ହୋଇଥିବା ଆର୍ଥିକ ଦୂଃସ୍ଥିତିକୁ ଦୃଷ୍ଟିରେ ରଖି ସବୁ ପଞ୍ଜୀକୃତ ଖବର କାଗଜ ହକର୍ ମାନଙ୍କୁ ଦୁଇଟି ପର୍ଯ୍ୟାୟରେ ୩୦୦୦ଟଙ୍କା ଲେଖାଏ ସ୍ୱତନ୍ତ୍ର ସହାୟତା ଦେବା ପାଇଁ ନିଷ୍ପତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯିବ। କାମ କରିବା ପାଇଁ ବହୁତ ସମୟରେ ହକ୍‌ର ମାନେ ଅସୁବିଧାନ ସମ୍ମୁଖୀନ ହେଉଥିବାରୁ ଏହି ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ସେମାନଙ୍କ ପାଇଁ ଜିଲ୍ଲାସ୍ତରରେ ଉପଯୁକ୍ତ ନିର୍ମାଣ କରି ଯୋଗାଇଦେବାକୁ ନିଷ୍ପତ୍ତି କରାଯାଇଛି। ଏହିସହିତ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରାଜ୍ୟ ଓ ଜିଲ୍ଲାସ୍ତରରେ ହକର୍ ମାନଙ୍କର ଏକ ଡିଜିଟାଲ୍ ଡାଟା ବେସ୍ ପରିଚାଳନା କରାଯାଇ ସମସ୍ତ ହକର୍ ମାନଙ୍କୁ ଜିଲ୍ଲା ସ୍ତରରେ ଯାଂଚ କରାଯାଇ ପରିଚୟ ପତ୍ର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଇଫକୋର ନାନୋ ଫର୍ଟିଲାଇଜର୍ ପ୍ଲାଣ୍ଟର ଶିଳାନ୍ୟାସ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଏସିଆର ବୃହତ୍ତ ସାର ଉତ୍ପାଦନକାରୀ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଏକ ନୂତନ ପ୍ଲାଣ୍ଟର ଶିଳାନ୍ୟାସ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନଷ୍ଠିତ ହୋଇଛି । ଇଫକୋ ପରିସରରେ ଇଫକୋର ନୂଆ ତରଳ ନାନୋ ଫର୍ଟିଲାଇଜର ପ୍ଲାଣ୍ଟ ସ୍ଥାପିତ ହେବ । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ନୂତନ ପ୍ଲାଣ୍ଟ ଆଗାମୀ ୨୦୨୩ ମସିହା ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ୨୨୫କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ଲାଣ୍ଟ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଗସ୍ତିଙ୍କର ଏହି ନୂତନ ଚିନ୍ତାଧାରା କାର୍ଯ୍ୟକ୍ଷମ ହେଲେ କୃଷକମାନଙ୍କର ସାର ଖର୍ଚ୍ଚ କମ୍ ହେବ ବୋଲି ଜଣାପଡିଛି । ଦୈନିକ ପାଖାପାଖି ୧୦୦କିଲୋଲିଟର ନାନୋ ତରଳ ଡିଏପି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । କୃଷକମାନେ ସାରର ବ୍ୟବହାର କମ୍ କରି ନାନୋ ତରଳ ଡିଏପିର ବ୍ୟବହାର କଲେ ଅଧିକ ଉତ୍ପାଦନ କରିବେ । ଏହି ନାନୋ ତରଳ ଡିଏପି ପରିବେଶକୁ ପ୍ରଦୂଷଣ କରିବ ନାହିଁ ବୋଲି ସୂଚନା ମିଳିଛି । ଏହି ଶିଳାନ୍ୟାସ ସମାରୋହରେ ଇଫକୋର ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଏବଂ ତାଙ୍କ ଟିମ୍ ସହିତ କର୍ମଚାରୀ ସଂଘ ଏବଂ ଅଧିକାରୀ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।




# ଜୁନିୟର ହକି ବିଶ୍ୱକପ୍ ୨୦୨୧:ଯୁବ ବୃତ୍ତିଗତ କ୍ରୀଡାବିତଙ୍କ ପାଇଁ ଏକ ଶିକ୍ଷଣ ପ୍ଲାଟଫର୍ମ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଯେତେବେଳେ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର୍ ବିଶ୍ୱକପ୍ ୨୦୨୧ର କ୍ୱାର୍ଟର ଫାଇନାଲ୍‌ରେ ଭାରତ, ବେଲଜିୟମକୁ ପରାସ୍ତ କଲା, ସେତେବେଳେ ଏହା ସମସ୍ତଙ୍କ ପାଇଁ ଏକ ଖୁସିର ମୂହୁର୍ତ୍ତ ଥିଲା। ବିଶେଷ କରି କଳିଙ୍ଗ ଷ୍ଟାଡିୟମ୍‌ରେ ନିୟୋଜିତ ହୋଇଥିବା ସ୍ୱେଚ୍ଛାସେବୀମାନଙ୍କ ଭିତରେ ଏହା ସୃଷ୍ଟି କରିଥିଲା। ଏକ ଅଭୂତପୂର୍ବ ଶିହରଣ। ସମ୍ମାନଜନକ ବିଶ୍ୱକପ୍‌ର ଅଂଶ ହୋଇ କ୍ୱାର୍ଟର ଫାଇନାଲ୍‌ର ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବା ସେମାନଙ୍କ ଜୀବନର ସର୍ବୋତ୍ତମ ମୁହୂର୍ତ୍ତ ପରି ସେମାନେ ଅନୁଭବ କଲେ। ଏହା ଥିଲା ତାଙ୍କ ଜୀବନର ଅତି ଆନନ୍ଦଦାୟକ ତଥା ସ୍ମରଣୀୟ ମୁହୂର୍ତ୍ତ ଯାହାକୁ ସେମାନେ କେବେ ଭୁଲି ପାରିବେ ନାହିଁ।







କ୍ରୀଡା ଏବଂ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ତଥା କଳିଙ୍ଗ ଷ୍ଟାଡିୟମ୍‌ର ପ୍ରଶାସକ ବିଜୟାନନ୍ଦ ନାୟକ ଏ ସଂପର୍କରେ କହିଛନ୍ତି ଯେ ଯଥେଷ୍ଟ ପୂର୍ବ ପ୍ରସ୍ତୁତି ଏବଂ ସଠିକ୍ ଦାୟିତ୍ୱ ବଣ୍ଟନ ଯେ କୌଣସି ବଡ ଆୟୋଜନକୁ ସଫଳତା ଆଡକୁ ବାଟ ଦେଖାଏ। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍ ୨୦୨୧ ଏହାର ଏକ ବଡ଼ ଉଦାହରଣ ଅଟେ। ଏହି ସମ୍ମାନଜନକ ବିଶଯବକପ୍‌ରେ ବହୁ ସଂଖ୍ୟକ ଛାତ୍ର ଏବଂ କ୍ରୀଡାବିତ୍ ରହିଛନ୍ତି, ଯେଉଁମାନେ ପ୍ରଥମ ଥର ପାଇଁ କ୍ରୀଡା ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ସୁପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। କ୍ୟାରିୟର୍ ଅଗ୍ରଗତି ପାଇଁ ଯୁବ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ଆମ କ୍ରୀଡା ଇକୋ-ସିଷ୍ଟମ୍‌ର ଏକ ଅଂଶ ବିଶେଷ। ଏଥିପାଇଁ ଆମେ ଆମର ନିଜ ବାଳକ ଏବଂ ବାଳିକାମାନଙ୍କୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ତାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି ପାଇଁ ପ୍ରୟାସ କରିଛୁ। କ୍ରୀଡା ଓ ଯୁବସେବା ବିଭାଗ ବିଶ୍ୱକପ୍ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ଶିକ୍ଷଣ ସୁଯୋଗ ତଥା ଏକ ସ୍ମରଣୀୟ କ୍ରୀଡା ଅଭିଜ୍ଞତା ନିଶ୍ଚିତ କରିବାକୁ ଏହି ବିଶ୍ୱକପ୍‌ରେ ୧୦୦ରୁ ଅଧିକ କ୍ରୀଡା ଛାତ୍ରଙ୍କୁ ନିୟୋଜିତ କରିଛି। ଏହା ସେମାନଙ୍କ ମଧ୍ୟରେ ଦାୟିତ୍ୱ ଏବଂ ଆତ୍ମବିଶ୍ୱାସ ବଢାଇବାରେ ସାହାଯ୍ୟ କରିବ। ଅଧ୍ୟାପକଙ୍କ ନେତୃତ୍ୱରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ(ଜିସିପିଏ)ର ୬୦ରୁ ଅଧିକ ଛାତ୍ର ଫିଲ୍ଡ ଅଫ୍ ପ୍ଲେ, ପ୍ରୋଟୋକଲ୍ ମ୍ୟାନେଜମେଣ୍ଟ, ଅଫିସ୍ ଆସିଷ୍ଟାଣ୍ଟ, ଷ୍ଟାଣ୍ଡ ମ୍ୟାନେଜମେଣ୍ଟ ଗେଷ୍ଟ ଏଣ୍ଟ୍ରି, ପାର୍କି ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କିଛି ସ୍ପୋର୍ଟସ୍ ହଷ୍ଟେଲ ବାଳକମାନେ ମଧ୍ୟ ବଲ୍ ବଏ ଭାବରେ ନିୟୋଜିତ ଅଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି।

# ଉଚ୍ଛୁଳିବାରେ ଲାଗିଛି ଚିଲ୍କା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କୃଷ୍ଣପ୍ରସାଦ ବକ୍ଲର ୬ଟି ଗାଁ ଭିତରେ ପସିଲା ଚିଲିକା ପାଣି। ବାତ୍ୟା ଜୱାଦ ପ୍ରଭାବରେ ଉଚ୍ଛୁଳିବାରେ ଲାଗିଛି। କୃଷ୍ଣପ୍ରସାଦ ବ୍ଲକ୍ ଅରଖକୁଦା ପଞ୍ଚାୟତ ଅରଖକୁଦା ଗ୍ରାମର ହରିଚଣ୍ଡିସାହି, ଭାଗବତସାହି, ଲକ୍ଷ୍ମୀନାରାୟଣସାହି, ମଙ୍ଗଳାସାହିରେ ପାଶିଲା ପାଣି। ଗାଁ ଭିତରେ ପ୍ରବାହିତ ହେଉଛି ୩ଫୁଟ୍‌ର ଜୁଆର ପାଣି ଏବଂ ସାନପାଟଣା ଗବକୁଣ୍ଡ, ସିପିକୁଦା ଗାଁ ଭିତରକୁ ପ୍ରବେଶ କରିଛି ଚିଲିକା ପାଣି। ଅନ୍ୟପକ୍ଷରେ, ପୁରୀଠାରୁ ୧୮୦ କିମି ଦୂରରେ ବାତ୍ୟା ଜୱାଦ ରହିଛି। ଏ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗୋପାଳପୁର ଠାରୁ ୧୩୦କିମି, ପାରାଦ୍ୱୀପ ୨୭୦କିମି ଠାରୁ ଜୱାଦ ରହିଛି। ଗତ ୬ଘଣ୍ଟା ଧରି ଘଣ୍ଟାପ୍ରତି ୧୫ କିମି ବେଗରେ ଏହା ଗତି କରୁଛି। ଆହୁରି ଦୁର୍ବଳ ହୋଇ ଜୱାଦ ଉତ୍ତର-ଉତ୍ତରପୂର୍ବ ଦିଗକୁ ଗତି କରୁଛି। ଦୁର୍ବଳ ହୋଇ ଅବପାତରେ ପରିଣତ ହେବ 'ଜୱାଦ'। ଅବପାତରେ ପରିଣତ ହୋଇ ମଧ୍ୟାହ୍ନରେ ପୁରୀ ପାଖାପାଖି ପହଞ୍ଚିବ। ପରେ ଜୱାଦ ପଶ୍ଚିମବଙ୍ଗ ଉପକୂଳ ମୁହାଁଇବା ସମ୍ଭାବନା ରହିଛି। ୧୨ଘଣ୍ଟାରେ ଦୁର୍ବଳ ହୋଇ ୱେଲ୍‌ମାର୍କ ଲୋ-ପ୍ରେସର ହେବ ବୋଲି ଆଞ୍ଚଳିକା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ଏସ୍‌ସିବିରୁ ରୋଗୀ ନେଇଥିବା ନର୍ସିଂହୋମ୍ ଛାଡିଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗଣାମଧମରେ ଖବର ପ୍ରସାରଣ ପରେ ରୋଗୀଙ୍କୁ ଦେଢ ଲକ୍ଷ ଟଙ୍କା ଛାଡ କଲା କଟକ ନିଗମ ହସ୍ପିଟାଲ। କିଛି ଦିନ ପୂର୍ବରୁ ଏରସମା ବ୍ଲକ କଙ୍କରାଡିଆ ଗାଁର ଆଦିକନ୍ଦ ଦାସ ବିଷ ପିଇ ଅସୁସ୍ଥ ହୋଇପଡିଥିଲେ। ଗୁରୁତ୍ୱର ହେବାରୁ କଟକ ଏସସିବି ତେବେ ମେଡିକାଲ ବିଲ ବାବଦରେ ତାଙ୍କୁ ସାଢେ ୩ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ମେଡିକାଲ ପକ୍ଷରୁ ଦାବି କରାଯାଇଥିଲା । ତେବେ ସେ ଜମି ବିକି ୨ଲକ୍ଷ ଟଙ୍କା ଦେଇଥିବା ବେଳେ ଆଉ ଦେଢ ଲକ୍ଷ ଦେଇପାରିବେନି ବୋଲି କହିଥିଲେ। ଏନେଇ ଖବର ପ୍ରସାରଣ ପରେ ତାଙ୍କୁ ମେଡିକାଲ ପକ୍ଷରୁ ଦେଢ ଲକ୍ଷ ଟଙ୍କା ଛାଡି କରାଯାଇଛି । ଏବଂ ମେଡିକାଲରୁ ଡିସଚାର୍ଜ କରାଯାଇଛି ।

# କଟକ ସଦର ବ୍ଲକର ଭ୍ରଷ୍ଟ ଅଧିକାରୀ

**କଟକ(ସଂପର୍କବାର୍ତ୍ତା) –** କଟକ ସଦର ବ୍ଲକର ଭ୍ରଷ୍ଟ ଅଧିକାରୀଙ୍କୁ ସୁରକ୍ଷା ଦେଉଛି କିଏ ତେଇସି ଟି ପଞ୍ଚାୟତକୁ ନେଇ ସଦରବ୍ଲକ ଘଠିତା ଏହି ବ୍ଲକରେ ଗ୍ରାମାଞ୍ଚଳ ରୋଡ଼ ଆଲୋକୀକରଣ ଘଟଣା ହେଉ କିମ୍ବା ଉରଲୀ ଗ୍ରାମପଞ୍ଚାୟତରେ ଟିକସ ଅର୍ଥ ଆତ୍ମସାତ ଘଟଣା ହେଉ ବା ଗ୍ରାମାଞ୍ଚଳରେ ଜଙ୍ଗଲ କିସମ, ଦେବୋତ୍ତର କିସମ, ଗୋଚର ଜମି ଉପରେ ପ୍ରକଳ୍ପ ନର୍ମାଣ ଘଟଣା ହେଉ ଏହି ସବୁ ବେନିୟମ କାର୍ଯ୍ୟ ସମ୍ବନ୍ଧରେ ଅଭିଯୋଗ କଲାପରେ ତଦନ୍ତ ବାହାନାରେ ଘଟଣାକୁ ଚପେଇ ଦିଆଯାଉଛି ଯାହାଫଳରେ ଭ୍ରଷ୍ଟ ଅଧିକାରୀଙ୍କ ଏଣ୍ଟୁଡ଼ି ଶାଳ ପାଲିଟିଛି। ଅନ୍ୟପଟେ ଏହି ଭ୍ରଷ୍ଟ ଅଧିକାରୀ ମାନେ ରାଜନୈତିକ ଛତ୍ରଛାୟାରେ ରହି ପଞ୍ଚାୟତ ନିର୍ବାଚନରେ ସ୍ୱତନ୍ତ୍ର ଗୋଷ୍ଠୀ କି ଭଳି ବିଜୟ ଲାଭ କରିବ ପ୍ରତିପକ୍ଷ ଗୋଷ୍ଠିର ପକ୍ଷଛେଦନ କରିବାପାଇଁ ସରକାରୀ ନିୟମକୁ ଜଳାଞ୍ଜଳି ବିକାଶମୂଳକ କାର୍ଯ୍ୟକୁ ବନ୍ଦ କରିଦେଉଛନ୍ତି। ସରକାରୀ କର୍ମଚାରୀ ହୋଇ ନିର୍ଦ୍ଦିଷ୍ଟ ଦଳର ମୁଖପାତ୍ର ସାଜିବା ଏହା ଏକ ଅପରାଧ ନୁହେଁକିତେଣୁସର୍ବସାଧାରଣରେଦାବି ହେଉଛିଏକ ଉଚ୍ଚସ୍ତରୀୟ ତଦନ୍ତ କରି ଭ୍ରଷ୍ଟ ଅଧିକାରୀଙ୍କ ବିରୁଦ୍ଧରେ ଗ୍ରହଣ କରିବା ପାଇଁ।



# ସିଏମ୍‌ସିରେ ମିସନ ଶକ୍ତି ଗୃହକୁ ଜାଣିଶୁଣି କରୁଛନ୍ତି ବାଟବଣା !

**କଟକ(ସଂପର୍କବାର୍ତ୍ତା):-** ପ୍ରତି ୱାର୍ଡ଼ର ମହିଳାମାନେ ରୋଜଗାରକ୍ଷମ ହେବେ। ସେମାନେ ପ୍ରସ୍ତୁତ କରୁଥିବା ସାମଗ୍ରକୁ ବଜାରରେ ବିକ୍ରି କରିପାରିବେ। ମାସ୍କଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ପର୍ଯ୍ୟନ୍ତ ସବୁ ଜିନିଷକୁ ଷ୍ଟଲ୍‌ରେ ବିକ୍ରି କରିବେ ନାହିଁ। ଏଥିପାଇଁ ତିନି ମାସ ତଳେ ସିଏମ୍‌ସି ଦ୍ୱାରା ୫୯ଟି ମିସନ ଶକ୍ତି ଗୃହ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ନିଷ୍ପତ୍ତିକୁ ୩ ମାସ ବିତିଯାଇଥିଲା ବେଳେ ଏବେ ସୁଦ୍ଧା ମାତ୍ର ୩ଟି ମିସନ ଶକ୍ତି ଗୃହ ନିର୍ମାଣ ହୋଇଛି। ବାକି ଶିଳାନ୍ୟାସରେ ଅଟକି ରହିଛି ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସହରରେ ଥିବା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ରୋଜଗାରକ୍ଷମ କରିବା ପାଇଁ ସିଏମ୍‌ସି ଦ୍ୱାରାବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ ପ୍ରଥମେ ଏସ୍‌ଏଚ୍‌ଜିକୁ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସ୍ୱତନ୍ତ୍ର ଭାବେ ଏସ୍‌ଏଚ୍‌ଜି ହାଟ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଇତି ମଧ୍ୟରେ କିଛି ମାସ ତଳେ ସହରରେ ମାଇକ୍ରୋ ଆକ୍ଟିଭିଟି ସେକ୍ଟର୍ ଭଳି ମିସନ ଶକ୍ତି ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ହେବା ସହିତ ଜାଗା ମଧ୍ୟ ଅନେକ ସ୍ଥାନରେ ଚିହ୍ନଟ ହୋଇଥିଲା। ପ୍ରତ୍ୟେକ ମିସନ ଶକ୍ତି ଗୃହ ପିଛା ୫ ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ସ୍ୱତନ୍ତ୍ର କକ୍ଷ, ଶୌଚାଳୟ ଆଦି ବିଭିନ୍ନ କକ୍ଷ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ ୩ ମାସରେ ସିଏମ୍‌ସି ଯନ୍ତ୍ରୀ ବିଭାଗ ଦ୍ୱାରା ୱାର୍ଡ଼ ନମ୍ବର ୩୫, ୩୩ ଓ ୫୩ ନମ୍ବରରେ ମାତ୍ର ୩ଟି ମିସନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ତାହା ପୁଣି ଏଯାବତ୍ ହସ୍ତାନ୍ତର କରାଯାଇନାହିଁ। ସବୁଠୁ ବଡ଼ କଥା ହେଉଛି, ଏ ନେଇ ସିଏମ୍‌ସି କର୍ତ୍ତୃପକ୍ଷ କୌଣସି ସମୀକ୍ଷା କରିନାହାନ୍ତି। ଏ ନେଇ ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ କହିଛନ୍ତି ଯେ, ଏ ନେଇ ସମୀକ୍ଷା କରାଯାଇଛି। ଖୁବ୍ ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ ହେବ।

# ସମ୍ପାଦକୀୟ

## ସେକ୍ସର ମାୟାଜାଲ

ସୋସିଆଲ୍ ମିଡିଆରେ ସେକ୍ସ ଜାଲ: ଫସିବେ ତ ହୋଇଯିବେ ତଳିତଳାନ୍ତ। ବନ୍ଧୁ ପରିଜନଙ୍କ ସହ ସଂପର୍କ ପାଇଁ ସୋସିଆଲ୍ ମିଡିଆ ଏକ ବଡ ପ୍ଲାର୍ଟଫର୍ମ ସାଜିଛି। ଦୂରରେ ଥାଇ ବି ପ୍ରିୟଜଙ୍କ ସହ ସଂପର୍କରେ ରହିପାରୁଛନ୍ତି ଲୋକେ। ବେଳେବେଳେ ସୋସିଆଲ୍ ମିଡିଆ ବ୍ୟବହାରରେ ସାମାନ୍ୟ ଅସାବଧାନତା ଆପଣଙ୍କୁ ତଳିତଳାନ୍ତ କରିବା ସହ ଇଜ୍ଜତମହତ ବି ପାଣିରେ ପକାଇଦେବ। ଅସାମାଜିକ ତତ୍ତ୍ୱ ସୋସିଆଲ୍ ମିଡିଆରେ ଅପବ୍ୟବହାର କରି ଲୋକଙ୍କୁ ଲୁଟୁଥିବାର ବହୁ ନଜିର ରହିଛି। ସୋସିଆଲ୍ ମିଡିଆରେ ସେକ୍ସ କଣ୍ଟେଣ୍ଟ୍ ପୋଷ୍ଟ କରି ଲୋକଙ୍କୁ ଠକିବା କିଛି ନୂଆ କଥା ନୁହେଁ। ଏବେ ସୋସିଆଲ୍ ମିଡିଆରେ ସେକ୍ସର ମାୟାଜାଲ ବିଛାଇ ବ୍ଲାକ୍‌ମେଲିଂ କରି ସେକ୍ସୋଟର୍ମ ମାଧ୍ୟମରେ ଲୁଟାଯାଉଛି ଲକ୍ଷ ଲକ୍ଷ ଟଙ୍କା। ଦିଲ୍ଲୀ ପଶ୍ଚିମ ବିହାରରୁ ଏମିତି ଏକ ଅଭିଯୋଗ ଆସିବା ପରେ ସୋସିଆଲ୍ ମିଡିଆର ବ୍ୟବହାରକୁ ନେଇ ଉଠିବାରେ ଲାଗିଛି ପ୍ରଶ୍ନ। ପ୍ରଶ୍ଚିମ ବିହାରରେ ସେକ୍ସୋଟର୍ମ ନାଁରେ ୩ଲକ୍ଷ ଟଙ୍କା ଦାବି କରାଯାଇଥିବା ଅଭିଯୋଗ ହୋଇଛି।




ଦିଲ୍ଲୀ ପୋଲିସ୍‌କୁ ଅଭିଯୋଗ ମିଳିବା ପରେ ଅଭିଯୁକ୍ତକାରୀଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ସବ୍‌ଇନିଂସ୍ପେକ୍ଟର ସୀତାରାମ, ସବ୍‌ଇଂନିସ୍ପେକ୍ଟର ମନିସ୍ ଏବଂ ଏସିପି ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଟିମ୍ ଏହାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଜାଲ ବିଛାଇଥିଲେ।


ସମ୍ପାଦକ

ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତ ପଶ୍ଚିମ ବିହାର ଅଞ୍ଚଳର ଏକ ଫ୍ଲାଟ୍ ଭଡାରେ ସେକ୍ସ କାରବାର ଚଳାଇଥିଲେ। ବାହାଦୁରଗଡାର ମାଷ୍ଟରମାଇଣ୍ଡ୍ ନିରଜ ଏ ଗ୍ୟାଙ୍ଗକୁ ଚଳାଉଥିବା ଟେକ୍ନିକାଲ୍ ସର୍ଭିଲାନ୍ସ ଓ ଗୁପ୍ତଚରଙ୍କ ପାଖରୁ ପୋଲିସ୍ ଟିମ୍‌କୁ ସୂଚନା ମିଳିଥିଲା। ସୂଚନା ମିଳିବା ପରେ ନିରଜକୁ ଧରିବାକୁ ପୋଲିସ୍ ଟିମ୍ କାମ ଆରମ୍ଭ କରିଦେଇଥିଲା ଓ ପ୍ରଶାନ୍ତ ବିହାରରୁ ତାଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ।

ପଚରାଉଚରା ବେଳେ ଲୋକଙ୍କୁ ଗ୍ୟାଙ୍ଗ ହନିଟ୍ରାପ୍‌ରେ ସ୍ୱୀକାର କରିଛି ଭିଜିଲାନ୍ସ। ତାଙ୍କ ଅନୁସାରେ ଲୋକଙ୍କୁ ସୋସିଆଲ୍ ମିଡିଆରେ ସେକ୍ସର ପ୍ରଲୋଭନ ଦେଖାଇ ଫ୍ଲାଟ୍‌କୁ ଡକାଯାଉଥିଲା। ସେଠାରେ ତାଙ୍କ ଭିଡିଓ କରି ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବାକୁ ଧମକାଇ ଲକ୍ଷ ଲକ୍ଷ ଟଙ୍କା ଲୁଟାଯାଉଥିଲା। ଗ୍ୟାଙ୍ଗ୍‌ରେ ଏକ ଝିଅ ବି ରହିଛି। ଯିଏ ହନିଟ୍ରାପ୍ ଜରିଆରେ ଲୋକଙ୍କୁ ଫସାଉଥିଲା। ଗ୍ୟାଙ୍ଗ୍‌ରେ ୫ ସଦସ୍ୟ ଆକ୍ଟିଭ୍ ଥିଲେ। ବର୍ତ୍ତମାନ ସୁଦ୍ଧା ଏମାନେ ୧୨ରୁ ଅଧିକ ଲୋକଙ୍କୁ ଫସାଇ ସାରିଛନ୍ତି। ଫସୁଥିବା ଲୋକଙ୍କ ପାଖରୁ ଏମାନେ ୫ରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଆଦାୟ କରିଛନ୍ତି।

କରୋନାର ପ୍ରଥମ ଲହର ଆସିବା ପରେ ଏମାନେ ଆକ୍ଟିଭ୍ ହୋଇଥିଲେ। ଗ୍ୟାଙ୍ଗରେ ଥିବା ଝିଅ ଲୋକଙ୍କ ପାଖକୁ ଫ୍ରେଣ୍ଡ୍ ରିକୁଏଷ୍ଟ ପଠାଉଥିଲା। ରିକୁଏଷ୍ଟ ଆକ୍ସେପ୍ଟ ପରେ ସେକ୍ସ ପ୍ରଲୋଭନ ଦେଖାଇ ଯୁବତୀ ଲୋକଙ୍କୁ ଫସାଉଥିଲା। ପରେ ଭଡାରେ ନିଆଯାଉଥିବା ଫ୍ଲାଟ୍‌କୁ ଡାକୁଥିଲା।

ଉଭୟେ ଏକାଠି ଥିବା ବେଳେ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟ ପୋଲିସ୍ ବେସରେ ରୁମ୍‌ରେ ପଶିଯାଉଥିଲେ ଓ ସେଉଠୁ ଆରମ୍ଭ ହେଉଥିଲା ସେକ୍ସ ବ୍ଲାକ୍‌ମେଲିଂ। ଗ୍ୟାଙ୍ଗ୍‌ମାଷ୍ଟର ମାଇଣ୍ଡ୍ ଗିରଫ ହୋଇସାରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ୍।

## ବିବାଦ ସମାଧାନର ବିକଳ୍ପ ବାଛ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିବାଦ ସମାଧାନ ଲାଗିକୋର୍ଟ କଚେରି ନ ଧାଇଁ ମଧ୍ୟସ୍ଥତା ଭଳି ବିକଳ୍ପ ବ୍ୟବସ୍ଥା ବାଛିବା ଲାଗି ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଏନ୍. ଭି. ରମନା ଶନିବାର ବ୍ୟବସାୟିକୁ ସମୁଦାୟଙ୍କୁ ପରାମର୍ଶ ହାଇଦ୍ରାବାଦର ଇଣ୍ଟରନ୍ୟାଶନାଲ ଅର୍ବିଟ୍ରେଶନ ଆଣ୍ଡ ମେଡିଏଶନ ସେଣ୍ଟରଠାରେ ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଜଷ୍ଟିସ୍ ରମନା କହିଥିଲେ, ବ୍ୟବସାୟରେ ବିବାଦ ରହିବ। ଏହାକୁ ପ୍ରଥମେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଆବଶ୍ୟକ। ସେଥିରେ ସମାଧାନ ସମ୍ଭବ ନ ହେଲେ ମଧ୍ୟସ୍ଥଙ୍କ ସହାୟତା ସେଥିରେ ନେବା ଉଚିତ। ସେଥିରେ ସମାଧାନର ସୂତ୍ର ନ ବାହାରିପାରିଲେ ଶେଷ ବିକଳ୍ପ ଭାବେ ଯିବା ଲାଗି ଚିନ୍ତା କରିବାକୁ ସିଜେଆଇ ପରାମର୍ଶ ଦେଇଛନ୍ତି। ଆମର ଦୈନନ୍ଦିନ ଜୀବନର ବିଭିନ୍ନ ବିବାଦର ସମ୍ମୁଖୀନ ହେବାକୁ ପଡିଥାଏ। ତାହା ପରିବାର ମଧ୍ୟରେ ହେଉ, ବ୍ୟବସାୟରେ କିମ୍ବା ପେସାଗତ ଜୀବନରେ ଘଟିଥାଏ। ଦ୍ୱନ୍ଦ୍ୱ ବିହୀନ ବିଶ୍ୱର ପରକଳ୍ପନା କରାଯାଇ ନ ପାରେ। ବିବାଦର ମଧ୍ୟ ଏକ ମାନବୀୟ ଦିଗ ରହିଛି, ଯାହାକି ଏହାକୁ ସମାଧାନ କରିବାରେ ସହାୟକ ହୋଇଥାଏ। ବିବାଦର ଉର୍ଦ୍ଧ୍ୱକୁ ଯାଇ ଦେଖିବା ପାଇଁ ଦୂରଦୃଷ୍ଟି ଜରୁରୀ। ବିବାଦ ସମାଧାନ ପଛର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଫ୍ୟାକ୍ଟର ହେଲା ମନୋବୃତ୍ତି। ଏଥିପାଇଁ ଅହଂଭାବ, ଆବେଗ, ଅଧୈର୍ଯ୍ୟତା ଏବଂ ଆଗ୍ରହକୁ ଆଂଶିକ ତ୍ୟାଗ କରିବାକୁ ପଡିଥାଏ। ତେବେ ବିବାଦ ଥରେ ଅଦାଲତରେ ପହଂଚତ୍ୟବା ପରେ ସେଗୁଡିକୁ ହାରାଇବାକୁ ହୋଇଥାଏ ବୋଲି ସିଜେଆଇ କହିଛନ୍ତି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ବାସ୍ତବତାର ଆଇନାରେ ଶିକ୍ଷା ଓ ଶିକ୍ଷକଙ୍କ ସ୍ଥିତି


ହିମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଗତ ସେପ୍ଟେମ୍ବର ୫ ତାରିଖରେ ଗୁରୁ ଦିବସ ହୋଇଯାଇଛି। ଦେଶ ପାଳୁଥିଲା ମହାନ ରାଷ୍ଟ୍ରଗୁରୁ, ପ୍ରବୀଣ ଦାର୍ଶନିକ ତଥା ଆଦର୍ଶ ଜନନାୟକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ। ଗୁରୁପୂଜନରେ ବ୍ୟସ୍ତଥିଲେ ବିଦ୍ୟାର୍ଥୀମାନେ। ବିଭିନ୍ନ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ରାଜ୍ୟପାଳ ମନ୍ତ୍ରୀ, ବିଧାୟକ ପ୍ରଶାସନକି ଅଧିକାରୀ, ବୃଦ୍ଧିଜୀବୀ ସମସ୍ତେ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁ ହିଁ ରାଷ୍ଟ୍ର ନିର୍ମାତା ଓ ଦେଶ ଭବିଷ୍ୟତ ଗଠନର ଗୁବିକାଠି ସେମାନଙ୍କ ହାତରେ ବୋଲି କହିବାକୁ ପଛାଇନଥିଲେ। ଏପରିକି ରାଜ୍ୟସ୍ତରରେ ଶିକ୍ଷିକମାନଙ୍କୁ ରାଜ୍ୟପୁରସ୍କାର ଏବଂ ଜାତୀୟସ୍ତରରେ ୪୪ଜଣ ଶିକ୍ଷକଙ୍କୁ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ କରାଯାଇଅଛି। ସେମାନଙ୍କ ମଧ୍ୟରୁ ଆମ ରାଜ୍ୟରୁ ଦୁଇଜଣ ଶିକ୍ଷକ ରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ଏହି ଅବସରରେ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇ ରାଷ୍ଟ୍ରପତି ଶିକ୍ଷାର୍ଥୀଙ୍କୁ ଗଢ଼ିବାରେ ଶିକ୍ଷକମାନଙ୍କର ବଡ଼ ଭୂମିକା ରହିଛି ବୋଲି କହିଥିଲେ। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ ଏକବିଂଶ ଶତାବ୍ଦୀରେ ଭାରତର ଭବିଷ୍ୟତକୁ ଶିକ୍ଷକମାନେ ପରିବର୍ତ୍ତନ କରିବେ ବୋଲି କହିଥିଲେ। କିନ୍ତୁ ଏହି ଗୋଟିଏ ଦିନପରେ ସମସ୍ତେ ସବୁ କଥା ଭୁଲିଯାନ୍ତି। ଶିକ୍ଷକମାନଙ୍କ କଥା ଓ ବ୍ୟଥା ଭାଷଣରେ ହିଁ ରହିଯାଏ। ପୁଣି ଆର ବର୍ଷକୁ ଅପେକ୍ଷା କରାଯାଏ। ଏହା ହିଁ ନିଛକ ସତ କଥା।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାର ସେପରି କିଛି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟିର ସୁପାରିଶ ହେଉଛି ଶିକ୍ଷା ବାବଦରେ ବ୍ୟୟ ବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । କାରଣ ଆମ ଦେଶ ତଥା ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ବ୍ୟୟକୁ ବୋଝ ବୋଲି ବିବେଚନା କରାଯାଏ, ପରିସମ୍ପତ୍ତି ନୁହେଁ । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନି ଜଣ ଶିକ୍ଷକରେ ସ୍କୁଲ ଚାଲିଛି ।ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ । 'ଓପେପା' ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ । ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ। ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ । ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ । ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ । ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । 'ପ୍ରଥମା' ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ ୫୩.୩ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀର ଗଣିତ କରିବାକୁ ସକ୍ଷମ ନୁହନ୍ତି । ସେହିପରି ୪୫.୮ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢି ପାରନ୍ତି ନାହିଁ।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି । ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ଏସବୁ ସତ୍ତ୍ୱେ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି । ଏକ ତଥ୍ୟ ଅନୁସାରେ ୨୦୧୧-୧୨ ମସିହାରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଷଷ୍ଠ ଶ୍ରେଣୀରେ ୫,୫୧,୬୮୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୦୧୩-୧୪ ଶିକ୍ଷାବର୍ଷରେ ଅଷ୍ଟମ ଶ୍ରେଣୀରେ ପହଁଞ୍ଚିଲା ବେଳକୁ ଏହି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୨,୯୬,୩୫୩। ଅବଶିଷ୍ଟ ଛାତ୍ରଛାତ୍ରୀ ବାଟରୁ କୁଆଡେ ଗଲେ ତା'ର ଏବେ ହିସାବ ମିଳୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ହିସାବ ମିଳୁନଥିବା ୨,୫୫,୩୩୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨,୪୯,୮୬୫ ହେଉଚନ୍ତି ସରକାରୀ ବିଦ୍ୟାଳୟର । ଏବେ ପ୍ରାୟ ଫେଲ୍ ବ୍ୟବସ୍ଥା ନାହିଁ । ଏସବୁ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଢେଇ ଲକ୍ଷ କମିବା ବ୍ୟବସ୍ଥାଗତ ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।ଏପରିକି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାର ୧୧ ବର୍ଷ ପରେ ବି ଏ କ୍ଷେତ୍ରରେ ସୁଧାର ଆସି ପାରିନାହିଁ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଶିକ୍ଷା ବ୍ୟବସ୍ଥାରେ ଜାତିଭେଦ । ଏଠି କିଏ ଜିଲ୍ଲାପରିଷଦ ଶିକ୍ଷକ, କନିଷ୍ଠ ଶିକ୍ଷକ,ଗଣଶିକ୍ଷକ, ଶିକ୍ଷା ସହାୟକ ତ କିଏ ବ୍ଲକ୍‌ଗ୍ରାଣ୍ଟ୍ ଶିକ୍ଷକ । ଯଦିଓ ନିକଟରେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି ତଥାପି ସେମାନଙ୍କୁ ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ମିଳିନାହିଁ । କାହିଁ ଅତୀତରେ ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଉନଥିଲା ? ଗୋଟିଏ ବୃତ୍ତିରେ ଥାଇ ସମାନ କାମକରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଶିକ୍ଷକମାନେ ହୀନମନ୍ୟତାର ଶିକାର ହେଉଚନ୍ତି । ପରିଣାମ ସ୍ୱରୂପ, ବିଭିନ୍ନ ସମୟରେ ସେମାନେ ଆନ୍ଦୋଳନ କରୁଛନ୍ତି ଓ କୋର୍ଟ କଚେରୀର ଦ୍ୱାରସ୍ଥ ହେଉଛନ୍ତି ତାଙ୍କୁ ଶିକ୍ଷକ ସ୍କେଲ ଦେବାପାଇଁ। ସାମଗ୍ରିକ ଭାବେ ଏହାର ପ୍ରତିକୂଳ ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଛି । ଏବେ ପୁଣି ସରକାରୀ ସ୍କୁଲ ପରେ କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ସ୍କୁଲ, ନବୋଦୟ ବିଦ୍ୟାଳୟ ଆଦି ସରକାରୀ ଭାବେ ସ୍ଥାପିତ ହୋଇଅଛି। ଏସବୁ ସତ୍ତ୍ୱେ ଛତୁ ଫୁଟିଲାପରି ବେସରକାରୀ ସ୍କୁଲ ଖୋଲୁଛି। ଚାକଚକ୍ୟ, ରଙ୍ଗରୂପ ଓ ଧନ ଆଉ ମାନରେ ବେସରକାରୀ ସ୍କୁଲ ଗୁଡିକ ସରକାରୀ ସ୍କୁଲଠାରୁ ବହୁ ଆଗରେ।

ଗୁରୁଦିବସ ଆସିଲା ଗଲା। ଚିରାଚରିତ ଭାବରେ ଶିକ୍ଷାନୁଷ୍ଠାନମାନଙ୍କରେ ଗୁରୁମାନେ ବି ପୂଜା ପାଇଲେ। କିନ୍ତୁ ସବୁ ଭିତରେ ଏବେବି ଗୁରୁମାନେ ଖୁସିରେ ନାହାଁନ୍ତି। ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ମହାବିଦ୍ୟାଳୟଠାରୁ ଆରମ୍ଭକରି ସବୁସ୍ତରରେ ଶିକ୍ଷକଙ୍କ ମନରେ ଅସନ୍ତୋଷ ରହିଛି। ସେମାନଙ୍କ ବିଭିନ୍ନ ସମସ୍ୟା ଏବେବି ଅସମାହିତ ହୋଇ ରହିଛି। ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଘା ନାହିଁ। ସେଥିପାଇଁ ଅଧିକାଂଶ ସମୟରେ ଶିକ୍ଷକ ଓ ଅଧ୍ୟାପକ ମାନେ ଦାବି ପୂରଣ ନେଇ ରାଜରାସ୍ତାକୁ ଓହ୍ଲାଉଛନ୍ତି ।ସେହିପରି ଡିଗ୍ରୀ କଲେଜର ଅଧ୍ୟାପକମାନଙ୍କର ସମସ୍ୟା ମଧ୍ୟ ଅନେକ। ବର୍ଗୀକରଣ ଓ ବେତନରେ ତାରତମ୍ୟ ସହିତ ଅବସର କାଳୀନ ସୁବିଧା ସୁଯୋଗ ସମସ୍ୟାର ଏବେବି ସମାଧାନ ହୋଇପାରି ନାହିଁ। ଏବେ ପୁଣି କଲେଜ ମାନଙ୍କରେ ବାୟୋ ମେଟ୍ରିକ ମେସିନ୍ ଲାଗିବ। ଅଧ୍ୟାପକମାନେ କଲେଜରେ ୭ଘଣ୍ଟା ରହିବେ। ଅଧ୍ୟାପକ ଓ ଅଧ୍ୟାପିକାମାନେ କ'ଣ ଗୋଟି ଶ୍ରମିକ ? ଏଭଳି ବ୍ୟବସ୍ଥା କାହା ସ୍ୱାସ୍ଥ୍ୟରେ ତାହା ଜଣା ପଡୁନାହିଁ। ସେହିପରି ନିକଟରେ ବିଧାୟକମାନେ ଶିକ୍ଷକଙ୍କ ବଦଳି କରିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଶିକ୍ଷାନୁଷ୍ଠାନରେ ରାଜନୈତିକ ହସ୍ତକ୍ଷେପ ବଢିବନିକି ? ତେଣୁ ଏସବୁ ଦିଗର ପ୍ରତିକୂଳ ପ୍ରଭାବ ପ୍ରତି ସରକାର ଦୃଷ୍ଟିଦେବା ଦରକାର।

# ନୂଆ ରୂପରେ କରୋନା ଓ କର୍ଣ୍ଣ-ନାସା-ଗଳା ସତର୍କତା


ନାରାୟଣ ଚନ୍ଦ୍ର ବିଶ୍ୱାଳ
ବାକ୍‌ଶ୍ରବଣ ବିଶେଷଜ୍ଞ 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

ୟୁରୋପ, ଆମେରିକା ଓ ଚୀନ ପରି କେତେକ ବିକଶିତ ଦେଶରେ କରୋନା ଫେରିଛି ଦେଖି ଅନ୍ୟ ଦେଶଗୁଡ଼ିକ ସତର୍କ ରହିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପରାମର୍ଶ ଦେଇଛନ୍ତି। ଆସିଛି ଶୀତଋତୁ। ଅନେକ ଲୋକଙ୍କୁ ଥଣ୍ଡା, ଛିଙ୍କ, କାଶ, ଜ୍ୱର ଇତ୍ୟାଦି ହେଉଛି। ତେବେ ଏହି ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ମନରେ ଗୋଟିଏ ସାଧାରଣ ପ୍ରଶ୍ନ 'ଇଏ କରୋନା ନୁହେଁ ତ'। କରୋନା ମହାମାରୀ ମାତ୍ର ଦିନ କେତେଟା ଭିତରେ ଏହା ସମ୍ପୂର୍ଣ୍ଣ ରୂପେ ଦେଶ ଛାଡ଼ି ଚାଲିଯିବ ତାହା ଭାବିବା ଭୁଲ। କରୋନାର ଉପସ୍ଥିତି ସୁପ୍ତ ବା ସାମାନ୍ୟ ଅଛି ବୋଲି ଯେ ସାଧାରଣ ଫ୍ଲୁ, (ଥଣ୍ଡା, ଛିଙ୍କ, କାଶ, ଜ୍ୱର) ହେବନି ତାହା ବି ଭାବିବା ଭୁଲ। କୋଭିଡ଼-୧୯ ଓ ସାଧାରଣ ଫ୍ଲୁ ଉଭୟ ସମଜାତିର ଭୂତାଣୁ ଜନିତ ରୋଗ। ଏହି ଭୂତାଣୁ ସଂକ୍ରମଣ ମୁଖ୍ୟତଃ ନାକ, ଗଳା ଓ ମୁଖ ଗହ୍ୱର ବାଟ ଦେଇ ହୋଇଥାଏ। ଏଥିରେ ପ୍ରାଥମିକ ସ୍ତରରେ ଗଳା, ଶ୍ୱାସନଳୀ ଓ ଫୁସ୍‌ଫୁସ୍ ସଂକ୍ରମିତ ହୋଇ ଜ୍ୱର, କାଶ ଓ ନିଃଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାରେ ଅସୁବିଧା ହେବା ଇତ୍ୟାଦି ଲକ୍ଷଣମାନ ଦେଖାଦେଇଥାଏ। ଏପରି ଲକ୍ଷଣ ଥିଲେ କରୋନାର ସନ୍ଦେହ କରିବା ଅମୂଳକ। ଏହି ଲକ୍ଷଣ ଦୁଇ ତିନି ଦିନ ଲାଗି ରହିଲେ କୋଭିଡ଼ ପରୀକ୍ଷା କରିନେବା ଉଚିତ। କୋଭିଡ଼ ପଜିଟିଭ ଥିଲେ ଏବଂ ଅମ୍ଳଜାନ ସାଚୁରେସନ ୯୨ ଉପରେ ରହୁଥିଲେ ରୋଗୀଟି କୋଭିଡ଼ ନିୟମ ମାନି ଘରେ ରହି ଚିକିତ୍ସିତ ହୋଇପାରିବେ। କୋଭିଡ଼ ନେଗେଟିଭ ଥିଲେ ଏହା ଭୂତାଣୁ ଜନିତ ସାଧାରଣ ଫ୍ଲୁ ବା ଇନ୍‌ଫ୍ଲୁଏଞ୍ଜା ହୋଇଥାଇପାରେ। ଫ୍ଲୁ ଜ୍ୱର ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଅନେକ ସମୟରେ ବିନା ଔଷଧରେ ବି ଏହା ୫-୭ ଦିନ ଭିତରେ ଆପେ ଆପେ ଭଲ ହୋଇଯାଏ। ଏଥିରେ ମଧ୍ୟ ଦେହ, ହାତ, ମୁଣ୍ଡ ବିନ୍ଧା ହୋଇ ଜ୍ୱର ହୁଏ। ଅନେକ ସମୟରେ ତଣ୍ଟି ଓ ଶ୍ୱାସନଳୀ ସଂକ୍ରମିତ ହୋଇ ଛିଙ୍କ, କାଶ, କଫ ଇତ୍ୟାଦି ହୋଇଥାଏ। ତେବେ ରୋଗୀର କଷ୍ଟ ଯନ୍ତ୍ରଣା କମାଇବା ପାଇଁ ଡାକ୍ତରଙ୍କ ପରାମର୍ଶରେ କିଛିଟା ଔଷଧ ସେବନ କରାଯାଇପାରେ। ଅବଶ୍ୟ ଇନ୍‌ଫ୍ଲୁଏଞ୍ଜା ପାଇଁ ପ୍ରତିଷେଧକ ଟିକା ବାହାରିଲାଣି। ଏହାକୁ ବର୍ଷକୁ ଥରେ ନେବାକୁ ହୁଏ। ପ୍ରତିଷେଧକ ଟିକା ନେଲେ ଇନ୍‌ଫ୍ଲୁଏଞ୍ଜା ହୋଇ ନଥାଏ ବା ଯଦି ହୁଏ ତେବେ ତାର ପ୍ରକୋପ କମ ରହେ। ଫ୍ଲୁ ବ୍ୟତୀତ ତଣ୍ଟି, ଶ୍ୱାସନଳୀ ଓ ଫୁସଫୁସ୍ କେତେକ ବ୍ୟାକ୍ଟେରିଆ ସଂକ୍ରମଣ ରୋଗ ଯଥା ଫାରିଞ୍ଜାଇଟିସ, ଲାରିଞ୍ଜାଇଟିସ୍, ବ୍ରୋଙ୍କାଇଟିସ, ଟନ୍‌ସିଲାଇଟିସ୍, ଅସ୍ଥମା ଏବଂ ନିମୋନିଆରେ ଜ୍ୱର, କାଶ, କଫ ଓ ଧଇଁସଇଁ ଲକ୍ଷଣ ମାନ ଦେଖାଯାଏ। ଆମ ଦେଶର ସହରଗୁଡ଼ିକରେ ଶୀତ ଦିନେ ବାୟୁ ପ୍ରଦୂଷଣର ମାତ୍ରା ଆଶାତୀତ ରୂପେ ବଢ଼ିଯାଏ। ଧୂଳି, କୁହୁଡ଼ି ଓ ଧୂଆଁ ମଶା କୁହିଡ଼ି (ସ୍ମଗ) ଇତ୍ୟାଦି ଆମ ଗଳା ଓ ଶ୍ୱାସଯନ୍ତ୍ରକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ।

ଏ ବର୍ଷର ଶୀତଋତୁର ଏକ ସ୍ୱତନ୍ତ୍ରତା ରହିଛି। କରୋନା ମହାମାରୀରେ ଆମ ଦେଶର ଲୋକମାନେ ଅନେକାଂଶରେ ପ୍ରଭାବିତ ହୋଇଛନ୍ତି। କରୋନା ରୋଗରୁ ଭଲ ହୋଇଥିବା ଲୋକମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ରହିଥାଏ। ତେଣୁ ସେମାନେ ଯତ୍ନଶୀଳ ରହିବା ଉଚିତ ହେବ। କାରଣ ଆମ ଅଜାଣତରେ ଚାରିପାଖରେ ଅନେକ ଲକ୍ଷଣ ବିହୀନ କରୋନା ରୋଗୀ ବି ଥାଇପାରନ୍ତି। ଏମିତି ଅନେକ ଲୋକ ଦ୍ୱିତୀୟ ପାନ ଟିକା ମଧ୍ୟ ନେଇନାହାନ୍ତି। ପିଲାମାନେ ବି ପ୍ରଥମ ପାନ ଟିକା ପାଇନାହାନ୍ତି। କିନ୍ତୁ ଜୀବନ-ଜୀବିକାରେ ସମନ୍ୱୟ ଆଣିବା ନିମନ୍ତେ କରୋନା ସଂକ୍ରମଣକୁ ରୋକିବା ପାଇଁ ଜାରି ହୋଇଥିବା ସମସ୍ତ କଟକଣା ଧୀରେ ଧୀରେ ହଟିଗଲାଣି। ତାର ସୁଯୋଗ ନେଇ ଅମାନିଆମାନେ ଖାମଖିଆଲି ଭାବରେ ହାଟ, ବଜାର ଓ ଭୋଜିଭାତରେ ଯଥେଷ୍ଟ ସଂଖ୍ୟାରେ ସମାଗମ ହେଲେଣି। ଏଭଳି ପରିସ୍ଥିତିରେ କରୋନା ବା ଅନ୍ୟ ଯେକୌଣସି ସଂକ୍ରମଣ ରୋଗକୁ ନିୟନ୍ତ୍ରଣରେ ରଖିବା କଷ୍ଟକର। ସମସ୍ତେ ଯେତେଦୂର ସମ୍ଭବ ଯଥେଷ୍ଟ ଶୀତ ପୋଷାକ ପିନ୍ଧି ବାହାରକୁ ବାହାରିବା ଉଚିତ। ଶୀତ ପୋଷାକ ସହିତ ଉନ୍ନତ ମାନର ମାସ୍କରେ ମୁହଁ ଓ ନାକକୁ ଘୋଡ଼ାଇ ରଖିଲେ ବାହାରର ଥଣ୍ଡା, ଫଗ, ସ୍ମଗ, ଏବଂ ଧୂଳିକଣା ଇତ୍ୟାଦି ନାକ ଓ ଶ୍ୱାସ ନଳୀକୁ ସଂକ୍ରମିତ କରିପାରେ ନାହିଁ। ଏଥିପାଇଁ ସର୍ଜିକାଲ ମାସ୍କ ବା ଏନ୍-୯୫ ମାସ୍କ ବ୍ୟବହାର କରିବାଟା ଭଲ। ଘରେ କାହାକୁ ଭୂତାଣୁ ବା ଜୀବାଣୁ ଜନିତ ଜ୍ୱର, କାଶ, ଛିଙ୍କ ଓ କଫ ଇତ୍ୟାଦି ରୋଗ ହେଲେ ଭୟଭୀତ ନ ହୋଇ ତାହା କିପରି ଅନ୍ୟ ମାନଙ୍କୁ ସଂକ୍ରମିତ ନ ହେବ ତାର ବ୍ୟବସ୍ଥା କରିବା ଉଚିତ। ରୋଗୀ ସଂକ୍ରମଣର ପ୍ରଥମ ଦିନରୁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବା ଦରକାର। ଗରମ ପାଣିର ବାମ୍ପ ପାଟି ଓ ନାକ ପଟେ ଶୋଷି ଭିତରକୁ ନେଲେ ଅନେକ ମାତ୍ରାରେ ନାକ ଓ ଗଳା ପଥରରେ ହେଉଥିବା ଥଣ୍ଡା ଜନିତ ଅବରୋଧ କମିଥାଏ ଓ ଶ୍ୱାସ କାର୍ଯ୍ୟରେ ସୁଧାର ଆସିଥାଏ। ଯେଉଁମାନେ ପୁରୁଣା ଶ୍ୱାସରୋଗୀ ବା ସି.ଓ.ପି.ଡ଼ି ରୋଗୀ ଅବା ଯାହାର ଧଇଁପେଲା ଶ୍ୱାସରୋଗ ଅଛି ସେମାନେ ଶୀତଋତୁରେ ବିଶେଷ ଯତ୍ନ ନେବା ଉଚିତ। ନିୟମିତ ଭାବରେ ଘରେ ପଲ୍ସ ଅକ୍ସିମିଟର ଦ୍ୱାରା ଅକ୍ସିଜେନ ସାଚୁରେସନକୁ ମାପିବା ଦରକାର। ସାଚୁରେସନ ୯୦ ପ୍ରତିଶତରୁ କମ ରହିଲେ ରୋଗୀ ଧଇଁସଇଁ ଅନୁଭବ କରେ ଓ ତାର ଗୁଜୁରି କାଶ ଆରମ୍ଭ ହୁଏ। ସାଚୁରେସନ ଆହୁରି ଅଧିକ କମିଗଲେ ରୋଗୀ ଲମ୍ବା ନିଃଶ୍ୱାସ ନେଇ ପାରେନାହିଁ, ବିଚଳିତ ହୁଏ, ହାଲିଆ ବା ନିଦୁଆ ଅନୁଭବ କରେ ଏବଂ ଓଠ ନୀଳ ରଙ୍ଗ ହୋଇଯାଏ। ଏହି ଲକ୍ଷଣ ଗୁଡ଼ିକୁ ଉଦ୍‌ବେଗର କାରଣ ହୋଇଥାଏ। ଏପରି ଅବସ୍ଥାରେ ରୋଗୀକୁ ଯେତେ ଶୀଘ୍ର ସମ୍ଭବ ଅମ୍ଳଜାନ ଦେବା ଦରକାର। ଆଜିକାଲି ଅମ୍ଳଜାନ କିଟ ରଖି ଘରେ ମଧ୍ୟ ଅମ୍ଳଜାନ ଦିଆଯାଇ ପାରୁଛି। ନଚେତ୍ ରୋଗୀକୁ ଡାକ୍ତରଖାନା ନେଇ ଅମ୍ଳଜାନ ଦେବା ଓ ଅନ୍ୟାନ୍ୟ ଚିକିତ୍ସା କରାଇବା ଦରକାର। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଗାଇଡ଼ ଲାଇନକୁ ମାନନ୍ତୁ। ମାସ୍କ, ସାନିଟାଇଜର ବ୍ୟବହାର ସହ ଗହଳି ଠାରୁ ଦୂରେଇ ରୁହନ୍ତୁ ଓ ଅଧିକ ଶୀତ ଥିଲେ ଯଥାସମ୍ଭବ ବାହାରକୁ ନଯାଇ ଘରେ ରୁହନ୍ତୁ।

## 'ସୁଧାର' ସମ୍ପାଦକ ପରୀକ୍ଷିତ ଦାସଙ୍କ ବିୟୋଗରେ ଏଏସ୍ଏମ୍ଏନ୍ଆଇର ଶୋକ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ରାଉରକେଲାରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ସୁଧାର'ର ସମ୍ପାଦକ ପରୀକ୍ଷିତ ଚନ୍ଦ୍ର ଦାସଙ୍କ ପରଲୋକ ହୋଇଯାଇଛି। ଦାସଙ୍କ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଗଭୀର ଶୋକ ପ୍ରକାଶ କରିବା ସହ ସଂଗଠନ ଜଣେ ଲଢୁଆ ନେତାଙ୍କୁ ହରାଇଲା ବୋଲି କହିଥିଲେ। 'ସୁଧାର' ଖବରକାଗଜର ସମ୍ପାଦନା ଦାୟିତ୍ୱ ତୁଲାଉଥିବା ବେଳେ ବିଭିନ୍ନ ଖବରକାଗରେ ସାମ୍ବାଦିକତା କରି ଆସୁଥିଲେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

## ନୀତିଶାସ୍ତ୍ର; ପରିଶ୍ରମ କରି ମଧ୍ୟ ଅସଫଳ ରହୁଛନ୍ତି କି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମ ଦୈନନ୍ଦିନ ଜୀବନରେ ଆମେ ନୀତିଶାସ୍ତ୍ରକୁ ଖୁବ ଗୁରୁତ୍ୱ ଦେଇଥାଉ। ଯାହା ଆମର ଜୀବନରେ ଅନେକ ପରିବର୍ତନ ଆଣିଥାଏ। ଆମ ଭିତରୁ ଅଧିକାଂଶ ବ୍ୟକ୍ତି ଏଭଳି ରହିଛନ୍ତି ଯିଏ କି ଜୀବନରେ ପରିଶ୍ରମ କରି ଥାଆନ୍ତି ଯେଉଁମାନେ ଭାଗ୍ୟ ଉପରେ ସମସ୍ତ ନିଜର କାର୍ଯ୍ୟକୁ ଛାଡି ଦେଇ ଥାଆନ୍ତି କେବେ ଭାଗ୍ୟର ଭରସାରେ କୌଣସି କାର୍ଯ୍ୟକୁ ଛାଡି ବସି ରହିବା ଠିକ ନୁହେଁ। ସର୍ବ ପ୍ରଥମେ ଚେଷ୍ଟାକରିବା ଆବଶ୍ୟକ। ଗୋଟିଏ କାର୍ଯ୍ୟକୁ ବାରମ୍ବାର କରିବା ଦ୍ୱାରା ହିଁ ତାହା ସମ୍ଭବ ହୋଇଥାଏ ଅର୍ଥାତ ସେହି କାର୍ଯ୍ୟରେ ଆମେ ସଫଳତା ପାଇଥାଉ। ଯେବେବି ଜୀବନରେ ଯେ କୌଣସି କାର୍ଯ୍ୟକୁ ନେଇ ନିଷ୍ପତି ନେଉଛନ୍ତି, ତାହା ଭାବି ଚିନ୍ତି ନେବା ଆବଶ୍ୟକ। କାରଣ କିଛିଟା ନିଷ୍ପତି ଜୀବନରେ ଗମ୍ଭିର ଭାବରେ ନେବା ଆବଶ୍ୟକ। କାରଣ ଯଦି ଥରେ ନିଷ୍ପତି ନେଇଥାଉ ତାହା ଆମ ଜୀବନକୁ ପରିବର୍ତନ କରି ଦେଇଥାଏ। ତା ପରେ ଆମେ ପଛକୁ ଆଉ ଫେରିନଥାଉ। ସବୁବେଳେ ନିଜ କାର୍ଯ୍ୟକୁ ଭଲ ପାଇବା ଆବଶ୍ୟକ। କାରଣ ଭଲ ପାଇବା ଭାବନା ଆସିଲେ ହିଁ ମଣିଷ ନିଜର କାର୍ଯ୍ୟକୁ ନେଇ ସଚୋଟ ହେବା ଆବଶ୍ୟକ। ସବୁବେଳେ ନଜି ପାଖରେ ଥିବା ଅର୍ଥକୁ ସଠିକ ଭାବରେ ନିବେଶ କରିବା ଆବଶ୍ୟକ। କାରଣ ଯଦି ଆପଣ ଠିକ ସ୍ଥାନରେ ନିବେଶ ତେବେ ଆଗକୁ ଯାଇ ଅସୁବିଧାରେ ପଡିବେ। ତେଣୁ ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତି। କାରଣ ମଣିଷ ଯଦି ଠାରେ ଯେଉଁ ଭୁଲ କରିଦିଏ ଆଉ ଫେରି ପାରେ ନାହିଁ।

# କଟକ ସମ୍ବାଦପତ୍ର ସଂଘର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା


**କଟକ(ତପନ ମହାନ୍ତି):-** ବହୁ ପ୍ରତୀକ୍ଷାରେ ଘଟିଛି ଅନ୍ତ। ଖରା, ବର୍ଷା, ଶୀତ କାକରର ଅନ୍ଧାର ରାତିରେ ନିଜ ଜୀବନକୁ ପାଣି ଛଡ଼ାଇ ଘରେ ଘରେ ଖବର କାଗଜ ପହଞ୍ଚାଇଥିବା ଖବର କାଗଜ ବିକ୍ରେତା (ହକର) ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କରିଛନ୍ତି ବିଭିନ୍ନ ଉନ୍ନୟନ ମୂଳକ ପ୍ୟାକେଜ। ମୁଖ୍ୟମନ୍ତ୍ରୀଙ୍କ କରିଛନ୍ତି ବିଭିନ୍ନ ଉନ୍ନୟନ୍ନମୂଳକ ପ୍ୟାକେଜ। ମୁଖ୍ୟମନ୍ତ୍ରୀଙ୍କ କନଫରେନ୍ସ ହଲରେ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ୩୦ଟି ଜିଲ୍ଲାରୁ ଆସିଥିବା ଖବର କାଗଜ ବିକ୍ରେତା ସଂଘର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି କୋଭିଡ୍ ସମୟରେ ମୃତ୍ୟୁବରଣ କରିଥିବା ହକରମାନଙ୍କୁ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଖବର କାଗଜ ବିକ୍ରେତାମାନଙ୍କୁ ନିର୍ମାଣ ଶ୍ରମିକମାନେ ପାଉଥିବା ସୁବିଧା ସୁଯୋଗରେ ସାମିଲ କରିବା, ସର୍ବୋପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ ଖବରକାଗଜ ବିତରଣ ହେଉଥିବା କେନ୍ଦ୍ରଗୁଡ଼ିକରେ ସେଡ ନିର୍ମାଣ କରାଯିବା ଶୀତବସ୍ତ୍ର ବର୍ଷାଦି ଆଦି ବିକ୍ରେତଶଙ୍କୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାକୁ କାର୍ଯ୍ୟକାରୀ କରିବା ନିମେନ୍ତ ରାଜ୍ୟସରକାରଙ୍କ ଗଣମାଧମ ପରମର୍ଶଦାତା ମାନସ ମଙ୍ଗରାଜଙ୍କୁ ଶ୍ରୀ ପାଣ୍ଡିଆନ ଏହି ଦାୟିତ୍ୱ ଅର୍ପଣ କରିଥିବାରୁ କଟକ ପୂର୍ବାଞ୍ଚଳ ସମ୍ବାଦପତ୍ର ବିକ୍ରେତା ସଂଘର କୃତଜ୍ଞତା ମଧରେ ଆନନ୍ଦର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟଙ୍କୁ ଏବଂ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ କଟକ ନୂଆବଜାରଠାରେ ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧକ୍ଷତାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମ୍ପାଦକ ଶିବ ପ୍ରସାଦ ନାୟକ, ଉପସଭାପତି ପତିତପାବନ ପଣ୍ଡା, କୋଷାଧକ୍ଷ ବୈକୁଣ୍ଠନାଥ ଦେବତା ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରେଲୱେ ଇନ୍ଷ୍ଟିଚ୍ୟୁଟ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର ବିଜୟ



**କଟକ(ସଂପର୍କବାର୍ତ୍ତା):-** ପୂର୍ବତଟ ରେଳବାଇ ଅନ୍ତର୍ଗତ ଜନସେବା ଓ ସରକାରଙ୍କ ସେବାମୂଳକ କାର୍ଯ୍ୟକ୍ରମକୁ ସାମିଲ କରି ବର୍ଷ ତମାମ ବିଭିନ୍ନ ପ୍ରେରଣାଧର୍ମୀ କାର୍ଯ୍ୟକ୍ରମସହ ଜଡିତ ରହୁଥିବା ଅଗ୍ରଣୀ ରେଲୱେ ଇନ୍ଷ୍ଟିଚ୍ୟୁଟ କଟକର ନିକଟରେ ଅନୁଷ୍ଠିତ ନିର୍ବାଚନରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର ସମର୍ଥିତ ପ୍ୟାନେଲ ପ୍ରାର୍ଥୀଙ୍କ ବୃହତ୍ ବିଜୟ ହୋଇଛି। ପୂର୍ବ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ରେକର୍ଡ଼ ବିଜୟ ଭାବେ ୩୦୦ରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଏହି ବିଜୟଧାରା ୟୁନିୟନର କର୍ମକର୍ତ୍ତାଙ୍କ ସେବା ଓ ଦୃଢ଼ ମନୋବଳକୁ ଆଗେଇ ନେବ। ସୂଚନାଥାଉକି ଏହି ୟୁନିୟନ ୨୦୧୩ରୁ ଲଗାତାର ତୃତୀୟ ଥର ଭାବେ ସଭ୍ୟ ମାନଙ୍କ ଦୃଢ଼ ପ୍ରଚେଷ୍ଟା ଓ ସମର୍ଥନ ପାଇଁ ଲଗାତାର ବିଜୟ ପାଇଆସୁଥିବାବେଳେ ଏହାକୁ ଇଷ୍ଟକୋଷ୍ଟ ଜୋନର ଅନ୍ୟତମ ବିଶାଳ ଓ ସର୍ବବୃହତ୍ ବିଜୟ କୁହାଯାଉଛି। ରେଳବାଇର ଏସିଏମ୍ଏସ୍ ଡାକ୍ତର ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନରେ ଉପସଭାପତି ବିପିନ ସିଂହ, ସମ୍ପାଦକ ସବ୍ୟସାଚୀ ଷଡ଼ଙ୍ଗୀ, କୋଷାଧକ୍ଷ ସତ୍ୟରଞ୍ଜନ ସିଂହ, ପରିଚାଳନା ସଦସ୍ୟ ଭାବେ କପିଳେନ୍ଦ୍ର ବେହେରା, ପ୍ରସନ୍ନ କୁମାର ନାୟକ, ସୁଶାନ୍ତ କୁମାର ରାୟ, ମଳୟ କୁମାର ସାମଲ, ପ୍ରମୋଦ କୁମାର ନାୟକ, ସନ୍ତୋଷ କୁମାର ମଲ୍ଲିକ, ବିଜୟ କୁମାର ମହନ୍ତ, ଅଶୋକ କୁମାର ମହାନ୍ତି ପ୍ରମୁଖ ବିଜୟ ଲାଭ କରିଛନ୍ତି। ସିନିୟର ଡିଭିଜନାଲ ପର୍ସନାଲ ଅଫିସର ରଞ୍ଜନ ମହାନ୍ତି ଓ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ପାଟ୍ଟଶାଣୀ ୟୁନିୟନର ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ ଇନ୍ଷ୍ଟିଚ୍ୟୁଟ ଆଗକୁ ଜନାଭିମୁଖୀ ଓ ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବା ସହ କର୍ମଚାରୀଙ୍କ ପରିବାରଙ୍କ ସେବା ଓ ପ୍ରତିଭାବାନ ମାନଙ୍କୁ ପ୍ରୋତ୍ସାହନ ଓ ସହାୟତା ଜାରି ରଖିବା ପାଇଁ ଆଶାବ୍ୟକ୍ତ କରିଛନ୍ତି। ଇଷ୍ଟକୋଷ୍ଟ ରେଲୱେ ଅନ୍ତର୍ଗତ କଟକ ରେଲୱେ ଇନ୍ଷ୍ଟିଚ୍ୟୁଟ ବର୍ଷ ତମାମ କେବଳ ନିଜ ସଭ୍ୟ ନୁହଁନ୍ତି ଏହା ବ୍ୟତୀତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ସେବାମୂଳକ କାର୍ଯ୍ୟକ୍ରମକୁ ହାତକୁ ନେଇ ଭୂୟଂଶୀ ପ୍ରଶଂସା ପାଇବା ସହ ରେଲୱେର ସୁନାମ ବଢ଼ାଇଛନ୍ତି ଓ ସର୍ବଭାରତୀୟ ସ୍ତରରେ ଏହି କୃତୀତ୍ୱ ପାଇଁ ପୂର୍ବତଟ ରେଳବାଇ ମଧ ଗୌରବାନ୍ୱିତ ହୋଇଛି।

# ରମାଦେବୀ ଥିଲେ ସମଗ୍ର ନାରୀ ଜାତିର ଉଜ୍ଜ୍ୱଳ ଜ୍ୟୋତିଷ୍କ



**ରଘୁନାଥପୁର(ସଂପର୍କବାର୍ତ୍ତା):-** ରମାଦେବୀ ଥିଲେ ସମଗ୍ର ନାରୀ ଜାତିର ଉଜ୍ଜଳ ଜ୍ୟୋତିଷ୍କ ବୋଲି ଜାତିୟ ଭାଷା ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପକ୍ଷରୁ ରଘୁନାଥପୁରସ୍ଥ ଅନୁଷ୍ଠିତ ରମାଦେବୀଙ୍କର ୧୨୦ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସାଇଁ ଯୋଗଦେଇ କହିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ଓଝା ପୌରହିତ୍ୟ କରି ରମାଦେବୀ କେବଳ ନାରି ନେତ୍ରୀ ନଥିଲେ ସେ ଥିଲେ ସମଗ୍ର ଓଡିଆ ଜାତିର ମା ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ ଯୋଗଦେଇ ରମାଦେବୀଙ୍କ କର୍ମ ଓ ସେବା କେବଳ ଓଡିଶା ଭିତରେ ସିମିତ ନଥିଲା, ଓଡିଶା ବାହାରେ ମଧ ସେ ବହୁତ ଉଲ୍ଲେଖନୀୟ ପ୍ରତିଭା ଥିଲା ବୋଲି କହିଥିଲେ। ଏଥିରେ ଅଗାମୀ ଓଡିଶା ସଭାପତି ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ ଭାରତର ସାଧିନତା ସଂଗ୍ରାମରେ ରମାଦେବୀଙ୍କ ଅବଦାନ ଚିରସ୍ମରଣୀୟ। ଏଥିରେ ସମ୍ମାନୀତ ଅତିଥିଭାବେ ମାଧ୍ୟମିକ ଶିକ୍ଷା ପରିଷଦ ପୂର୍ବତନ ଉପସଚିବ ରବିନ୍ଦ୍ର କୁମାର ମହାପାତ୍ର ଯୋଗଦେଇ କେବଳ ସାଧିନତା ସଂଗ୍ରାମ ନୁହେଁ, ସେବା ପରୋପକାର ତାଙ୍କ ଜିବନର ପରମ କର୍ତବ୍ୟ ଥିଲା। ସେ ଏକାଧାରରେ ବିପ୍ଳବୀ, ସେବା, କରୁଣା ଓ ଦୃଢତା ସମ୍ବେଦନଶୀଳତା ଓ ନିତୀ ବାଦିତା ରେ ଅନନ୍ୟ ଉଦାହରଣ ଥିଲେ ରମାଦେବୀ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ନେତା ନିର୍ମଳେନ୍ଦୁ ସୋମ, ଶିକ୍ଷକ ରାକେଶ ବେଉରା, ଶିକ୍ଷୟିତ୍ରୀ ଶଶ୍ମିତା ମିଶ୍ର, ଶିକ୍ଷୟିତ୍ରୀ ସୋଭାଗିନୀ ବେହୁରା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହାଣୀ, ଶିକ୍ଷୟିତ୍ରୀ ପ୍ରମୋଦିନୀ ଚଇନି ପ୍ରମୁଖ ଯୋଗଦେଇ ଅଲକା ଆଶ୍ରମରୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା ବୋଲି କହିଥିଲେ ଏବଂ ରମାଦେବୀ ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଡାକରାରେ ସାମିଲ ହୋଇ ଥିଲେ ଏବଂ ସେ ୧୯୬୨ ଭାରତ ଉପରେ ଚିନ ଆକ୍ରମଣ, ୧୯୬୪ରେ କଟକ ଛାତ୍ର ଆନ୍ଦୋଳନ ଏବଂ ୧୯୬୬ ରେ କଳାହାଣ୍ଡିରେ ଦୁର୍ଭୀକ୍ଷ ସମୟରେ ସେ ଲୋକମାନଙ୍କ ସେବାରେ ନିଜକୁ ସମର୍ପି ଦେଇଥିଲେ ବୋଲି କହିଥିଲେ। ଶେଷରେ ଶିକ୍ଷକ ସନ୍ତୋଷ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ୟର ସେବାରେ ପରମ ସୁଖ ଓ ଆନନ୍ଦ ରହିଛି:ରାଜ୍ୟପାଳ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଅନ୍ୟର ମୁହଁରେ ହସ ଫୁଟେଇବାରେ ଅଛି ଜୀବନର ସାର୍ଥକତା। ଏହା ସାଧନାର ଶୀର୍ଷ ଫଳ। ପ୍ରେମ ଓ କରୁଣା ମାଧମରେ ଏହା ସମ୍ଭବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି। ଏଲ୍ ଆଣ୍ଡ୍ କେ ସର୍ଭିସେସ୍‌ର ଦ୍ୱାବିଂଶ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ଜଣଙ୍କ ମନରେ ଆନନ୍ଦ ଦେବାରେ ଯେଉଁ ବିଶେଷତା ରହିଛି ତାହାର କୌଣସି ବିକଳ୍ପ ନାହିଁ। ସମସ୍ତଙ୍କୁ ସ୍ୱୀକାର କରିବା, ସମ୍ମାନ କରିବା ଓ ଭଲ ପାଇବା ହେଉଛି ଭାରତୀୟ ପରମ୍ପରା ଏବଂ ଏହାକୁ ଜୀବନରେ ଆପଣେଇବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଏଲ୍ ଆଣ୍ଡ୍ କେ ସର୍ଭିସେସ୍‌ର ପ୍ରତାପ କୁମାର ପଲାଇ ଓ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହିନ୍ଦ ମଜଦୂର ସଭାର ରାଜ୍ୟ କମିଟି ପୁନର୍ଗଠିତ

## ପ୍ରଭାତ ତ୍ରିପାଠୀ କାର୍ଯ୍ୟକାରୀ ସଭାପତି ଓ ରବି ରଥ ଉପ-ସଭାପତି





**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଦେଶର ଅଗ୍ରଣୀ ଶ୍ରମିକ ସଂଗଠନ ହିନ୍ଦ ମଜଦୂର ସଭା (ଏଚ.ଏମ.ଏସ.) ର ଓଡିଶା ରାଜ୍ୟ ସଂଗଠନକୁ ଆହୁରି ସୁଦୃଢ କରିବା ନିମନ୍ତେ ପୁର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ କାର୍ଯ୍ୟକାରୀ ସଭାପତି ଓ ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ରବି ରଥଙ୍କୁ ଉପ-ସଭାପତି ଭାବେ ନୂତନ ଦାୟିତ୍ୱ ମିଳିଛି। ହିନ୍ଦ ମଜଦୂର ସଭା (ଏଚ.ଏମ.ଏସ.) ର ଓଡିଶା ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କମିଟିର ଏକ ସତନ୍ତ୍ର ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ହିନ୍ଦ ମଜଦୂର ସଭାର ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ସହ ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବୀକୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ନିମନ୍ତେ ନୂତନ କାର୍ଯ୍ୟକାରୀ ସଭାପତି ଓ ଉପ-ସଭାପତି ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀ ପାତ୍ର ଆଶାବ୍ୟକ୍ତ କରିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଆଇଏମଏମଟିରେ ବିଭିନ୍ନ ପ୍ରକଳ୍ପମାନ ଉଦ୍‌ଘାଟିତ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସିଏସଆଇଆର ଇନଷ୍ଟିଚ୍ୟୁଟ ଅଫ ମିନେରାଲସ୍ ଆଣ୍ଡମ୍ୟାଟେରିଆଲସ୍ ଟେକ୍ନୋଲୋଜି ଭୁବନେଶ୍ୱର କମନ ରିସର୍ଚ ଆଣ୍ଡ ଟେକ୍ନୋଲୋଜି ଡେଭଲପମେନ୍ଟ ହବ (ସିଆରଟିଡିଏଚ୍) ଆଣ୍ଡହାଇ-ରିଜୋଲ୍ୟୁସନ ଟ୍ରାନ୍ସମିସନ ଇଲେକ୍ଟ୍ରନ ମାଇକ୍ରୋସ୍କୋପ (ଏଚଆରଟିଇଏମ), ପଲିମେଟାଲିକ୍ ନୋଡୁଲେସ୍ (ପିଏମ୍ଏନ)ଫିଲ୍ଡ ଏମିସନ ସ୍କାନିଂ ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପ୍ (ଏଫଇଏସଇଏମ)ର ସୁବିଧା ଉପଲବ୍ଧ ନେଇ କ୍ୟାମ୍ପସରେ ଘୋଷଣାକରିଛି। ଏହି ସୁବିଧାକୁ ମାନ୍ୟବର କେନ୍ଦ୍ରମନ୍ତ୍ରୀ (ସାଧୀନ) ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ପୃଥିବୀବିଜ୍ଞାନ, ରାଜ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ବ୍ୟକ୍ତିଗତ ମନ୍ତ୍ରାଳୟ, ଜନ ଅଭିଯୋଗ ଏବଂ ପେନସନ୍ ପରମାଣୁ ଶକ୍ତି ବିଭାଗ ଏବଂ ସିଏସଆଇଆର ଇନଷ୍ଟିଚ୍ୟୁଟ ଅଫ ମିନେରାଲସ୍ ଆଣ୍ଡ ମ୍ୟାଟେରିଆଲସ୍ ଟେକ୍ନୋଲୋଜି ପାଇଁ ସ୍ପେସ ବିଭାଗ ଡକ୍ଟର ଜିତେନ୍ଦ୍ରସିଂଉଦ୍ଘାଟନ କରିଥିଲେ। ଏହି ଅବସରରେ ଆଇଏମଏମଟି ଏବଂ ଏନଆରଡିସି ମଧରେ ଇନଟେକ ପ୍ରକଳ୍ପର କାର୍ଯ୍ୟକରୀତା ସମ୍ବନ୍ଧରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। କାଉନସିଲ ଅଫ ସାଇନ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ (ସିଏସଆଇଆର)ର ଡାଇରେକ୍ଟର ଜେନେରାଲ ଡ଼. ଶେଖରସି. ମାଣ୍ଡେ, ସିଏସଆଇଆର ଇନଷ୍ଟିଚ୍ୟୁଟ ଅଫ ମିନେରାଲସ୍ ଆଣ୍ଡ ମ୍ୟାଟେରିଆଲସ୍ ଟେକ୍ନୋଲୋଜି ଭୁବନେଶ୍ୱରର ନିର୍ଦ୍ଦେଶକ, ଡ଼ ଏସ୍ ବାସୁ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। ଉଦଘାଟନରେ ମାନ୍ୟବର ମନ୍ତ୍ରୀ ଡକ୍ଟର ସିଂ ମିନେରାଲ ପ୍ରୋସେସିଂ ବିଭାଗର ପରିଦର୍ଶନ କରିଥିଲେ ଏବଂ ଏପରି ଏକ ଉଚ୍ଚସ୍ତରୀୟ ଗବେଷଣା ଦଳ ସହିତ ସାକ୍ଷାତକାର କରି ନିଜର ଖୁସି ବ୍ୟକ୍ତ କରିଛନ୍ତି।

# ରାଜ୍ୟରେ ୭ ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଡିସେମ୍ବର ସୁଦ୍ଧା ନିଯୁକ୍ତି ପାଇବେ



**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଓଡିଶାରେ ବିଭିନ୍ନ ସରକାରୀ ବିଦ୍ୟାଳୟ ମାନଙ୍କରେ ଖାଲି ପଡିଥିବା ୭ହଜାର ଶିକ୍ଷକ ପଦବୀ ଖୁବଶୀଘ୍ର ପୂରଣ ହେବ ବୋଲି ଆଜି ଅପରାହ୍ନରେ ଜଗତିସଂହପୁର ଜିଲ୍ଲାରେ ୨ୟ ପର୍ଯ୍ୟାୟ ୫ଟିରେ ଅର୍ନ୍ତଭୁକ୍ତ ହୋଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟର ଶୁଭାରମ୍ଭ ଉତ୍ସବରେ ଆଭାସୀ ବୈଠକରେ ମୁଖ୍ୟଅତିଥି ଭାବେ ୫ଟି ସଚିବ ଭି.କେ ପାଣ୍ଡିଆନ ଏହା କହିଥିଲେ। ଶ୍ରୀ ପାଣ୍ଡିଆନ ଆହୁରି କହିଲେ ଯେ, ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକ ୫ଟିରେ ରୂପାନ୍ତରକରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଅତି ପ୍ରିୟ କାର୍ଯ୍ୟ ଅଟେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ହେଉଛି ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକରେ ସ୍ମାର୍ଟ କ୍ଲାସ ରୁମ, ଇ ପାଠାଗାର, ଅତ୍ୟାଧୁନିକ ବିଜ୍ଞାନଗାର, ଅତ୍ୟାଧୁନିକ ଶୌଚାଳୟ, ଉନ୍ନତମାନର ଖେଳପଡିଆ ନିର୍ମାଣ କରାଯାଇ ପିଲାମାନଙ୍କୁ ଦେଶର ଶ୍ରେଷ୍ଠ ନାଗରିକ ଭାବେ ଗଢି ତୋଳିବା ଲକ୍ଷ୍ୟ ବୋଲି ପାଣ୍ଡିଆନ କହିଥିଲେ। ଏଥି ଉପଲକ୍ଷେ ରଘୁନାଥପୁର ବ୍ଲକ ସଭାଗୃହରେ ଅନୁଷ୍ଠିତ ଏହି ଆଭାସୀ ବୈଠକରେ ବିଡିଓ ଜିତେନ୍ଦ୍ର କୁମାର ନାୟକ ସଭାପତିତ୍ୱ କରି ରଘୁନାଥପୁର ବ୍ଲକରେ ୨ୟ ପର୍ଯ୍ୟାୟରେ ୬ଟି ସରକାରୀ ଉଚ୍ଚ ବିଦ୍ୟାଳୟ ଅର୍ନ୍ତଭୁକ୍ତ ହୋଇଛି ବୋଲି ସେ ଗୁଡିକର ୫ଟି କାର୍ଯ୍ୟ ମାର୍ଚ୍ଚ ୫ତାରିଖ ପୂର୍ବରୁ ଶେଷ କରାଯିବ ବୋଲି କହିଥିଲେ। ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ସଭାପତି ବିଜୟ କୁମାର ସାଇଁ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୫ଟି ରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକୁ ରୂପାନ୍ତରଣ କାର୍ଯ୍ୟ ଏକ ଯୁଗାନ୍ତକାରି ଓ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ଏଥିରେ ରଘୁନାଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ରୋଜି ରାୟ, ରେଢୁଆ ବୃନ୍ଦାବନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ, ତାରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ଦାସ, ମହେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂସୁ ଶେଖର ସାହୁ, ଗୋରେଖନାଥ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ହୃଷିକେଷ ଜୋଗାଣିଆ, ନାଲିବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଂଜନା ପ୍ରଭା ରାଉତରାୟ, ସରପଂଚ ଜାନକୀ ବଲ୍ଲଭ ସାଇଁ, ସରପଂଚ ଜ୍ୟୋତିମୟୀ ଜେନା, ତାରପୁର ହାଇସ୍କୁଲର ମୋ ସ୍କୁଲ ସଭାପତି ଅର୍ନ୍ତଯାମୀ ରାଉତ, ନିରଂଜନ ଆଚାର୍ଯ୍ୟ, ପ୍ରଭାସ କୁମାର ମିଶ୍ର, ରଂଜନ କୁମାର ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗଦେଇ ସେମାନଙ୍କର ମତାମତ ପ୍ରକାଶ କରିଥିଲେ।

# ଶ୍ୟାମସୁନ୍ଦର ରାଉତଙ୍କ ଶ୍ରଦ୍ଧାଞ୍ଜଳୀ ସଭା



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଡେମନ୍ଷ୍ଟ୍ରେଟର ଶ୍ୟାମସୁନ୍ଦର ରାଉତ ଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଜୟବଡ ସ୍ଥିତ ରଶ୍ମୀପ୍ରଭା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଭାଗିୟ ମୁଖ୍ୟ ତଥା ଅଧକ୍ଷ ଡକ୍ଟର ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ତାଙ୍କର ଅନ୍ତରଙ୍ଗ ସହକର୍ମୀ ରାଜେନ୍ଦ୍ର ପ୍ରସାଦ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଗୀତା ପାଠ କରିଥିଲେ। ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଦିବଂଗତ ରାଉତ ୧୯୭୩ରୁ ୨୦୦୯ ପର୍ଯ୍ୟନ୍ତ ଦୀର୍ଘ ୩୬ବର୍ଷ ଧରି ଉକ୍ତ ମହାବିଦ୍ୟାଳୟରେ ଅତ୍ୟନ୍ତ ସଫଳତାର ସହ ତାଙ୍କର କାର୍ଯ୍ୟଧାରା ସମାପନ କରି ଅଗଣିତ ଛାତ୍ରଛାତ୍ରୀ ସହକର୍ମୀତଥା ଜନସାଧାରନଙ୍କ ଦ୍ୱାରା ଆଦୃତ ହେବା ସହ ପ୍ରିୟଭାଜନ ହୋଇପାରିଥିଲେ। ଜଣେ ସରଳ ନିଷ୍କପଟ ତଥା ସମୟାନୁବର୍ତ୍ତୀ କର୍ମନିପୁଣ ଏବଂ ଅତ୍ୟନ୍ତ ଛାତ୍ର ବତ୍ସଳ ଡେମନ୍ଷ୍ଟ୍ରେଟର ଭାବେ ତାଙ୍କର ଯଥେଷ୍ଟ ସୁନାମ ଥିଲା। ଅବସରପ୍ରାପ୍ତ ପ୍ରଫେସର କବିଚନ୍ଦ୍ର ବେହେରା ,କାଶୀନାଥ ଦାସ,ପରିବେଶବିତ୍ ଉତ୍କଳରଂଜନ ମହାନ୍ତି,ନାରାୟଣପ୍ରସାଦ ନାୟକ,କ୍ଷେତ୍ରମୋହନ ଦାସ,ବଳରାମ ବିଶ୍ୱାଳ,ଶ୍ରୀଧର ତ୍ରିପାଠୀ,ବିଚିତ୍ରାନନ୍ଦ ଦାସ,ସୁଦାମ ଚରଣ ପ୍ରଧାନ,ନୃସିଂହ ଚରଣ ମହାରଣା,ହରେକୃଷ୍ଣ ସାମଲ,ଗୋପବନ୍ଧୁ ମଲ୍ଲିକ,ବଂଶୀଧର ଆଚାର୍ଯ୍ୟ,ରାଜେନ୍ଦ୍ର ପ୍ରସାଦ ମହାନ୍ତି ଏବଂ ତାଙ୍କର ଏକମାତ୍ର ସୁପୁତ୍ର ଡାକ୍ତର ଦେବାଶିଷ ରାଉତ ପ୍ରମୁଖ ସେହି ମହନୀୟ ବ୍ୟକ୍ତିଙ୍କର ସଫଳକାହାଣୀ ,ଅବିସ୍ମରଣୀୟ କାର୍ଯ୍ୟାବଳୀ ଓ ସର୍ବୋପରି ଅନ୍ତରଙ୍ଗ ପଣିଆର ଅଭୁଲା ସ୍ମୃତି ବଖାଣିବା ସହ ଗଭିର ଶ୍ରଦ୍ଧାଞ୍ଜଳୀ ସୁମନ ଜ୍ଞାପନ କରିଥିଲେ। ଏହି ସଭାରେ ଦିବଂଗତ ରାଉତଙ୍କ ଅଗଣିତ ସହକର୍ମି ,ଛାତ୍ରଛାତ୍ରୀ ,ତାଙ୍କର ଆତ୍ମୀୟ ସ୍ୱଜନ ଓ ପଡୋଶୀ ମାନେ ଉପସ୍ଥିତ ଥିଲେ।। ତାଙ୍କର ପୁତ୍ର ଡାକ୍ତର ରାଉତ ଓ ବୁକନ୍ୟା ମଧୁସ୍ମିତା ରାଉତ ଓ ଡାକ୍ତର ଦେବସ୍ମିତା ରାଉତ,ଦୁଇଜାମାତା ଡାକ୍ତର ପ୍ରଭାତ କୁମାର ପରିଡା ଏବଂ ଡାକ୍ତର ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ପରିଚ୍ଚଳନା କରିଥିଲେ।

# ମା;ରମାଦେବୀ ଚୌଧୁରୀଙ୍କ ଜନ୍ମ ବାର୍ଷିକ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବିଶିଷ୍ଟସ୍ୱାଧୀନତା ସଂଗ୍ରାମୀ ,ସମାଜ ସଂସ୍କାରିକା ମା'ରମାଦେବୀ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଜଗତସିଂହପୁର ପୌରକାର୍ଯ୍ୟାଳୟ ପରିସରରେ ଥିବା ମା'ରମାଦେବୀଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ୧୮୯୯ମସିହା ଡିସେମ୍ବର ୩ତାରିଖରେ କଟକ ଜିଲ୍ଲା ସତ୍ୟଭାମାପୁର ଗ୍ରାମରେ ରମାଦେବୀ ଜନ୍ମ ଗ୍ରହଣ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀରଂଜନ ପଟ୍ଟନାୟକ,ପୌରନିର୍ବାହୀ ।ଧିକାରୀ ଅଶୋକ କୁମାର କର୍ଣ୍ଣ ଓ ପୌରପରିଷଦର ସମସ୍ତ କର୍ମଚ୍ଚରୀ ମାନେ ଉପସ୍ଥିତ ରହି ମା ରମାଦେବୀଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଡିସେମ୍ବର ୬ ରୁ ୧୨, ୨୦୨୧, ଜଗତସିଂହପୁର
December 6 to 12, 2021, Jagatsinghpur


# ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରେ କୋଭିଡ୍-୧୯ର ପରିଚାଳନା ସଂପର୍କରେ ଆଲୋଚନା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରେ କୋଭିଡ୍-୧୯ର ପରିଚାଳନା ସଂପର୍କରେ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଯୋଗଦେଇ କହିଲେ ଯେ ଓଡ଼ିଶା କୋଭିଡ୍-୧୯ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ଓ ଆକର୍ଷନ କରିପାରିଛି। ତେବେ ଏ କ୍ଷେତ୍ରରେ ଡକ୍ୟୁମେଣ୍ଟେସନ୍‌ର ଆବଶ୍ୟକତା ରହିଛି। ସବୁଜିନିଷକୁ ସଠିକ୍ ଭାବେ ଡକୁମେଣ୍ଟେସନ୍ କରିପାରିଲେ ଅନ୍ୟମାନେ ତାକୁ ଅନୁସରଣ କରିପାରିବେ। ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାଙ୍କର ବାଲେଶ୍ୱର ଜିଲ୍ଲା ଗସ୍ତ ସଂପର୍କରେ ଅନୁଭୂତି ବର୍ଣ୍ଣନା କରିବା ସହ ଜିଲ୍ଲାରେ କୋଭିଡ୍-୧୯ ପାରିଚାଳନା କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟ ହୋଇଥିବା କଥା ଉଲ୍ଲେଖ କରିଥିଲେ। ବାଲେଶ୍ୱର ଜିଲ୍ଲାରେ ଥିବା ଅକ୍ଲାରୀ ସ୍ୱାସ୍ଥ୍ୟ କେନ୍ଦ୍ର(ଏଏଚ୍‌ଏଫ୍) ଗୁଡିକରେ କୋଭିଡ୍-୧୯ ପରିଚାଳନା ବ୍ୟତୀତ ଏବେ ଟିକାଦାନ, ସ୍ୱାସ୍ଥ୍ୟସେବା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର ଓ ଆବଶ୍ୟକ ସ୍ଥଳେ ଆଶ୍ରୟ କେନ୍ଦ୍ର ଇତ୍ୟାଦି ପରିଚାଳନା କରାଯାଇପାରୁଛି। ଏହି କେନ୍ଦ୍ରଗୁଡିକ ବହୁମୁଖୀ ସେବା ପ୍ରଦାନରେ ସହାୟକ ହୋଇପାରୁଛି। ବିପର୍ଯ୍ୟୟ ସମୟରେ ସ୍ୱାସ୍ଥ୍ୟସେବା ପରିଚାଳନା ସଂପର୍କରେ



ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଡା. ନିହାର ରଞ୍ଜନ ରାୟ, ଡା. ସୌରଭ ଓ ଡା. ମନୀଷ ଉପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅଜିତ କୁମାର ମହାନ୍ତି ଓ ଡା. ଦିନବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ୍ ମଦ ଜବତ, ଆସାମୀ ଗିରଫ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଥାନା ଅନ୍ତର୍ଗତ କରିମୂଳ ଗ୍ରାମର ଗୟାଧର ଦାସ ପୁଅ ଆଦିତ୍ୟ ଦାସ ୭.୫୬୦ ଲିଟର ବିଦେଶୀ ବେଆଇନ୍ ମଦ ଯାଉଥିବା ସମୟରେ ତାଙ୍କୁ ରଘୁନାଥପୁର ପୋଲିସ ଗିରଫ କରି ତା ନିକଟରୁ ବେଆଇନ୍ ମଦ ଜବତ କରିଛନ୍ତି। ଏହି ବେଆଇନ୍ ମଦ ସପ୍ଲାଇକାରୀଙ୍କ ନିକଟରେ ପୋଲିସ୍ ପହଞ୍ଚିବାକୁ କାହିଁକି ଡରୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଆଡେ ପୋଲିସ୍ ସଂପୃକ୍ତ ବେଆଇନ୍ ମଦ ସପ୍ଲାକାରୀ ସରକାରୀ ବିଦେଶୀ ଦୋକାନୀ ମାଲିକଙ୍କ ଚାମ୍‌ଚାଗିରି କରୁଥିବାରୁ ସେଠାରେ ପହଞ୍ଚି ପାରୁନଥିବା କୁହାଯାଉଛି।



# ଜଗତସିଂହପୁର ଡାକ୍ତରଖାନାରେ ବିଶ୍ୱ ଏଡସ୍ ଦିବସ ପାଳିତ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ ବର୍ହିଃବିଭାଗ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର କ୍ଷେତ୍ରବାସୀ ଦାଶ ସଭାପତିତ୍ୱ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା)ଡାକ୍ତର ବସନ୍ତ କୁମାର ବାରିକ,ୟୁଥରେଡକ୍ରସ ର ରାଜ୍ୟ ସଂଯୋଜକ ଗୋପାଳ ମିଶ୍ର ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରି (ପରିବାର କଲ୍ୟାଣ)ଡାକ୍ତର ପ୍ରମୋଦ କୁମାର ବାରିକ,ଡିପିଏନ ଚକ୍ରଧର ଜେନା,ଜିଲ୍ଲା ଯକ୍ଷ୍ମା ବିଭାଗର ସଂଯୋଜକ ବିପିନବିହାରୀ ପାତ୍ର ,ଜିଲ୍ଲା ଜେଆରସି ସଂଯୋଜକ ତ୍ରିଲୋଚନ ସାହୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଉପସ୍ଥିତ ରହି ବିଶ୍ୱ




ଏଡସ୍ ଦିବସର ଶୀର୍ଷକ ଅନ୍ତଃ ହେଉ ଅସମାନତାର, ଏଡସ୍ ଆଉ ମହାମାରୀର ତଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ବିଶେଷ ଭାବରେ ଯୁବ ସମାଜ ପାଇଁ ଆହ୍ୱାନ ଯଥା ପ୍ରତ୍ୟେକ ନିଜେ ସଚେତନ ହେବନା ସହିତ ଏଡସ୍ ବିଷୟରେ ଜାଣି ଏଡସ୍ ଠାରୁ ଦୂରେଇ ରହିବା ପାଇଁ ସଙ୍କଳ୍ପ ନେବା ଆଜିର ଏକ ଆହ୍ୱାନ ବୋଲି ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଭିଡିଡି କନସଲାଣ୍ଟାଟ୍ ଅସିତ କୁମାର ଦାଶ,ବିଜୟ ଲକ୍ଷ୍ମୀ ସାମଲ,ଓମପ୍ରକାଶ ମହାନ୍ତି,ଡକ୍ଟର ସ୍ୱାତୀ ପଟ୍ଟନାୟକ,ଡକ୍ଟର ସ୍ୱୀକୃତୀ ସାମନ୍ତରାୟ,ମହମ୍ମଦ ଓ୍ୱାକାର ଅଲ୍ଲୀ,ଆହାନାର ପ୍ରୋଜେକ୍ଟର କର୍ମଚ୍ଚରୀ ବିଶାଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି କ୍ଷେତ୍ର ପ୍ରଦର୍ଶନ ସଂପର୍କିତ ସମୀକ୍ଷା ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ୫-ଟି ମାଧ୍ୟମରେ କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ କର୍ମଚାରୀମାନଙ୍କ ଦକ୍ଷତା ଉପରେ ନିରପେକ୍ଷ ଆଲୋକପାତ କରାଯିବା ସଙ୍ଗେ ସଙ୍ଗେ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଡ. ସାହୁ କୃଷି କ୍ଷେତ୍ର ପ୍ରଦର୍ଶନର ରୂପାୟନ ସଂପର୍କିତ ଆୟୋଜିତ ଏକ ବୈଠକରେ ଉପରୋକ୍ତ ମର୍ମରେ ଉଲ୍ଲେଖ କରିଛନ୍ତି।




**ଡିବିଟିରେ ଅବହେଳା କରୁଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀଙ୍କ ତାଗିଦ୍**

ସ୍ୱଚ୍ଛତାକୁ ବିଭାଗୀୟ କାର୍ଯ୍ୟକ୍ରମରେ ପ୍ରତିଫଳିତ କରିବା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ସମସ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଆବଶ୍ୟକୀୟ କୃଷି ସହାୟତା ଯୋଗାଇବା ପଦ୍ଧତିକୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର(ଡିବିଟି) ଅନ୍ତର୍ଭୁକ୍ତ କରାଯାଇଛି। ଡିବିଟି ମାଧ୍ୟମରେ ସରକାରୀ ପ୍ରୋତ୍ସାହନ ତଥା ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଚାଷୀମାନଙ୍କର ବ୍ୟାଙ୍କ ଜମାଖାତାକୁ ସିଧାସଳଖ ରିହାତି ଅର୍ଥ ପ୍ରଦାନ କରାଯାଉଛି।

ଏପରି ବ୍ୟବସ୍ଥାରେ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର କାର୍ଯ୍ୟଶୈଳୀ ଉତ୍ସାହଜନକ ନୁହେଁ ବୋଲି ଦର୍ଶାଇ ମନ୍ତ୍ରୀ ଡ. ସାହୁ ସୁଧାର ତଥା ଅଧିକ ଅଗ୍ରଗତି ନିମନ୍ତେ ପଦାଧିକାରୀମାନଙ୍କୁ ତାଗିଦ୍ କରିବା ସହିତ ଚଳିତ ମାସ ୧୭ ତାରିଖରେ ଅନ୍ୟ ଏକ ସମୀକ୍ଷା ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସୁଧାର ବ୍ୟବସ୍ଥାରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦେଇଛନ୍ତି।

ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ମଧ୍ୟ ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରାଯାଇଥିବାବେଳେ କ୍ଷେତ୍ରୀୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

**ତିର୍ତ୍ତୋଲ(ସଂପର୍କବାର୍ତ୍ତା):-** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳ ପଞ୍ଚାୟତ କିଲିପାଳ ଗ୍ରାମର ବିଶିଷ୍ଟ ରାଜନେତା ସ୍ୱର୍ଗତ ଚରଣ ମହାନ୍ତିଙ୍କ ବୋହୂ ତଥା କଂଗ୍ରେସର ପଞ୍ଚାୟତ ସଂଗଠକ ସମାଜସେବୀ ଅଶୋକ କୁମାର ମହାନ୍ତିଙ୍କ ଧର୍ମପତ୍ନୀ ସୁଜାତା ମହାନ୍ତି(୪୬)ଙ୍କ ଗତକାଲି ସନ୍ଧ୍ୟାରେ କିଲିପାଳସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ପରପୋକାରୀ, ମିଷ୍ଟଭାଷୀ ସ୍ନେହମୟୀ ମହିଳା ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କନିମୂଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ତାଙ୍କ ବିୟୋଗରେ ଶୋକାକୂଳ ପରିସ୍ଥିତ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଆଶୋକ କୁମାର ମହାନ୍ତି, ପୁଅ ଆକାଶ, ଝିଅ ଅଙ୍କିତା, ଅର୍ପିତାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ



ରହିଥିଲେ। ସ୍ୱର୍ଗତା ମହାନ୍ତିଙ୍କ ବିୟୋଗ ଖବର ପାଇବାପରେ କନିମୂଳ ପଞ୍ଚାୟତ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲାପରିଷଦ ସଭ୍ୟ ସନାତନ ଦଳାଇ, ଚକ୍ରଧର ମହାନ୍ତି, ସୁବାଷ ଚନ୍ଦ୍ର ସାହୁ, ଦେବେନ୍ଦ୍ର ସୁତାର, ପ୍ରଣତ ମହାପାତ୍ର, ଗଗନ ବିହାରି ଦାସ, ସୁରେନ୍ଦ୍ର ନାଥ ରାଉତରାୟ, ଦାଇଁଲୋ ସରପଞ୍ଚ ଧନଞ୍ଜୟ ସୁତାର ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ସମବେଦନା ଜ୍ଞାପନ କରିଥିବାବେଳେ ତିର୍ତ୍ତୋଲ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ, ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ନାରୀନେତ୍ରୀ ପ୍ରତିମା ମଲ୍ଲିକ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ଉପସଭାପତି ଅଶ୍ୱିନି ସ୍ୱାଇଁ, ନଗେନ୍ଦ୍ର ଖୁଣ୍ଟିଆ, ଭିକାରି ଚରଣ ସୁତାର, ଶୁକଦେବ ସୁତାର, ରବିନ୍ଦ୍ର କୁମାର ମଲ୍ଲିକ, ସତ୍ୟଜିତ ରାଉତରାୟ, ସାଧିନ ଖୁଣ୍ଟିଆ, ଗୌରାଙ୍ଗ ସାହୁ, ଶିବ ଚରଣ ଜେନା, ଶରତ ଚନ୍ଦ୍ର ତରାଇ, ମାୟାଧର ସାହୁ ପ୍ରମୁଖ ଖବର ପାଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସଚେତନତା ହିଁ ଏଡ୍‌ସରୁ ସୁରକ୍ଷା ଦେବ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ବିଶ୍ୱ ଏଡ୍‌ସ ଦିବସ ସ୍ଥାନୀୟ ସାନବଜାର ଠାରେ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତ୍ୟବରେ ୧୯୮୮ ମସିହାରୁ ଡିସେମ୍ବର ୧କୁ ବିଶ୍ୱ ଏଡ୍‌ସ ଦିବସ ରୁପେ ପାଳନ କରାଯାଉଛି । ଏହି ଦିନର ଉଦ୍ଦେଶ୍ୟ ହେଲା ଏଡ୍‌ସ ପୀଡିତ ରୋଗୀମାନଙ୍କ ଚିକିତ୍ସା କରିବା, ସେମାନଙ୍କ ପାଇଁ ଅର୍ଥ ଯୋଗାଡ କରିବା, ଏସମ୍ପର୍କରେ ଅନ୍ଧବିଶ୍ୱାସକୁ ଦୂରକରି ସେମାନଙ୍କୁ ସଚେତନ କରିବା । ଏଥିରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ କହିଥିଲେ ଯେ ଏଡସ୍



ଏକ ରୋଗ ନୁହେଁ, ଲକ୍ଷଣ । ଏହି ଲକ୍ଷଣ ଗୁଡିକ ହେଲା ଜ୍ୱର ନଛାଡିବା, ତରଳ ଝାଡାହେବା, ଓଜନ କମିଯିବା, ତୁଣ୍ଡଘା ନକମିବା ଯାହାଦ୍ୱାର କୌଣସି ଔଷଧ କାମକରେ ନାହିଁ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିଜୟ ପ୍ରଧାନ, ବିବେକାନନ୍ଦ ବେହେରା, ପ୍ରତାପ କୁମାର ବେହେରା ଓ ବିଜୟ କୁମାର ଲେଙ୍କା ଆଲୋଚନାରେ ଅଂଶଗ୍ରହଣ କରି ଅସୁରକ୍ଷିତ ଯୌନସମ୍ପର୍କ, ଅଶୋଧିତ ସିରିଞ୍ଜ ବ୍ୟବହାର ଓ ସଂକ୍ରମିତ ରୋଗୀଙ୍କ ଠାରୁ ରକ୍ତ ଗ୍ରହଣ ଦ୍ୱାରା ଏହି ଭୂତାଣୁ ମଣିଷ ଶରୀରରେ ପ୍ରବେଶ କରିଥାଏ । ଶେଷରେ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାଇଁଲୋ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦଘାଟନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତରେ ଥିବା କଟକ କେନ୍ଦ୍ର ସମବାୟ ସମିତି ଅଧିନ ଦାଇଁଲୋ ପ୍ରାଥମିକ କୃଷି ସେବା ସମବାୟର ନୂତନ କାର୍ଯ୍ୟାଳୟ ଉଦଘାଟକ ଡ଼ିଆରସି ରୁଦ୍ରପ୍ରସାଦ ଦାସ ଯୋଗଦେଇ ଆନୁଷ୍ଠାନିକଭାବେ ଫିତାକାଟି ଉଦଘାଟନ କରିଥିଲେ। ଏହିକାର୍ଯ୍ୟକ୍ରମରେ ଏଆରସିଏସ ଶ୍ରୁଶ୍ରୀ ସୁଭଦ୍ରା ପଟ୍ଟନାୟକ, ଶିବପ୍ରସାଦ ମହାନ୍ତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ତିର୍ତ୍ତୋଲ ଶାଖା ପରିଚାଳକ ଫକିର ଚରଣ ସ୍ୱାଇଁ, ଆମ୍ବା ଅଧ୍ୟକ୍ଷ ବସନ୍ତ ମହାପାତ୍ର, ଦାଇଲୋ ସେବା ସମବାୟ ସମିତି ସମ୍ପାଦକ ଗଗନ ବିହାରି ସ୍ୱାଇଁ, ଦାଇଁଲୋ ସମିତିର ପ୍ରଶାସନ ରଞ୍ଜିତି



କୁମାର ସାହୁ, କୃଷ୍ଣାନନ୍ଦପୁର ସମିତି ସମ୍ପାଦକ ଶୁସାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟଳୟର ଉଦଘାଟନ ଉତ୍ସବରେ ପୂଜକ ଅନିରୁଧ ପତି ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଚାଷୀ ବସନ୍ତ ସ୍ୱାଇଁ, ସୁଶାନ୍ତ ସାହୁ, ରଞ୍ଜନ ଖୁଣ୍ଟିଆ, ସୁରେନ୍ଦ୍ର ସାହୁ, ଆଶୁତୋଷ ଦାସ, ଧିରେନ୍ଦ୍ର ରାଉତ, ବନମାଳି ସାହୁ, ଅକ୍ଷୟ ମହାପାତ୍ର, ଫିରୋଜ ସ୍ୱାଇଁ, ପ୍ରିତିରଞ୍ଜନ ଦଳାଇଙ୍କ ସମେତ ଅନ୍ୟ ଚାଷୀମାନେ ଉପସ୍ଥିତ ରହିଥିଲେ।

# ରଘୁନାଥପୁର ଥାନାରେ ନ୍ୟାୟ ନ ପାଇ ଏସପିଙ୍କୁ ଭେଟିଲେ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁରଜିଲ୍ଲା ରଘୁନାଥପୁର ଥାନା ଅଧିନସ୍ଥ ରେଢୁଆ ଗ୍ରାମର ସୁଜାତାରାଉତଙ୍କ ସ୍ୱାମୀ ଦିଲ୍ଲୀପ ରାଉତଙ୍କ ଆକ୍ରମଣ କାରୀଙ୍କୁ ରଘୁନାଥପୁର ପୋଲିସ ଘଷ୍ଟ ଘୋଡାଉଥିବା ନେଇ ଆଜି ସୁଜାତା ରାଉତ ନ୍ୟାୟ ପାଇଁ ଏସପିଙ୍କୁ ଅଭିଯୋଗ କରିଛନ୍ତି। ସୁଜାତା ରାଉତ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇ ଛନ୍ତିକି ଗତ ୨୯ତାରିଖରେ ତାଙ୍କର ଏକ ଗଛ କଟାଯାଉଥିବା ସମୟରେ ଏକ ଡାଳ ପଡୋଶୀ ଘରର ବାରିରେ ପଡିଥିଲା। ଡାଳ ପଡିବା ଦ୍ୱାରା ପଡୋଶୀ ଘରର କୌଣସି କ୍ଷତି ହୋଇନଥିଲା। ତେବେ ପଡୋଶୀଘର ପୂର୍ବଶତ୍ରୁତାକୁ ନେଇ ଦିଲ୍ଲୀପ ରାଉତଙ୍କୁ ମାଆ.ଝିଅ.ଜ୍ୱାଇଁ,ପୁଅ ମିଶି ମରଣାତ୍ମକ ଆକ୍ରମଣ କରିଥିଲେ। ସେମାନଙ୍କର ସଂଘବଦ୍ଧ ଆକ୍ରମଣରେ ଦିଲ୍ଲୀପ ରାଉତ ଏବେବି ଗୁରତର ସହ ମେଡିକାଲରେ ଜୀବନବଞ୍ଚାଇବାକୁ ସଂଗ୍ରାମ କରୁଛନ୍ତି। ତେବେ ରଘୁନାଥପୁର ପୋଲିସ କାହାରପରେ ଆକ୍ରମଣକାରୀଙ୍କୁ ସୁରକ୍ଷା ଦେବା ସହିତ ଗିରଫ କରୁନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆକ୍ରମଣକାରୀ ଖୁଲମଖୁଲା ବାହାରେ ବୁଲୁଥିବା ସହ ସୁଜାତାଙ୍କ ପରିବାରଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଥିବା ସୁଜାତା କହିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆକ୍ରମଣକାରୀଙ୍କୁ ଗିରଫ କରିବା ସହ କଢୋର ଦଣ୍ଡବିଧାନ କରିବାକୁ ଦିଲ୍ଲିପଙ୍କ ପରିବାର ତଥା ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି।

# ଜଗତସିଂହପୁର ସାଂସ୍କୃତିକ ପରିଷଦର ସ୍ମରଣିକା କମିଟି ବୈଠକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୨୩ତମ ଜଗତସିଂହପୁର ପୁସ୍ତକ ମେଳାଅବସରରେ ଏହାର ସ୍ମରଣିକା ସ୍ମୃତିପତ୍ର ପ୍ରକାଶ ନିମନ୍ତେ ସ୍ମରଣିକା କମିଟିର ବୈଠକ ମୁଖ୍ୟ ସଂପାଦକ ମହେନ୍ଦ୍ର କୁମାର ଆର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତିପତ୍ର ରେ ଜଗତସିଂହ ସମ୍ବନ୍ଧୀୟ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଲେଖାଗୁଡିକ ଡିଟିପି କରି ଚଳିତ ଡିସେମ୍ବର ମାସ ୧୫/୧୨.୨୦୨୧ରିଖ ସୁଦ୍ଧା ମୁଖ୍ୟ ସଂପାଦକ ମହେନ୍ଦ୍ର କୁମାର ଆର୍ଯ୍ୟ କିମ୍ବା ଜଗତସିଂହପୁର ସାଂସ୍କୃତିକ ପରିଷଦର ସଂପାଦକ ସାରଦା ଦାସଙ୍କ ନିକଟରେ ପହଞ୍ଚାଇବାକୁ ଅନୁରୋଧ କରିଛନ୍ତି ସ୍ମରଣିକା କମିଟି। ଲେଖା ଗୁଡିକ (Sudhirmohanty10@gmail.com)ରେ ପଠାଇପାରିବେ।ଏହି ବୈଠକରେ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଲବ ଚୌଧୁରୀ ,ସଂପାଦକ ସାରଦା ଦାସ,ଉପାଧ୍ୟକ୍ଷ ବିଜୟକୁମାର ରାଉତ,ସହ ସଂପାଦକ ସୁଧିର କୁମାର ମହାନ୍ତି,ସଭ୍ୟ ନିକୁଞ୍ଜକିଶୋର ବେହେରା,ଡଃଜ୍ୟୋର୍ତିମୟୀ ମହାନ୍ତି,ମଞ୍ଜୁ ଦାସ,କୈଳାସ ମଲ୍ଲିକ,ଭଗବାନ ଦାଶ,ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାରାଦ୍ୱୀପ ହକର ସଂଘର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଖବରକାଗଜ ବିତରକ ବା ହକରମାନେ ସୂଚନା ଓ ସମ୍ବାଦପତ୍ର ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଖରା,ବର୍ଷା,ଶୀତ ସବୁ ସମୟରେ ସୂର୍ଯ୍ୟ ଉଦୟ ପୂର୍ବରୁ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିଦେଇଥାନ୍ତି । ଜନସାଧାରଣଙ୍କ ନିକଟରେ ଖବର ପହଂଚାଇବା ଭଳି ଗୁରୁ ଦାୟିତ୍ୱ ବହନ କରିଥାନ୍ତି । ଲୋକମାନଙ୍କୁ ଖବର ସହ ଯୋଡିବାରେ ସେମାନଙ୍କର ରହିଛି ପ୍ରମୁଖ ଭୂମିକା । ସେମାନଙ୍କର ସଂଘର୍ଷମୟ ଜୀବନକୁ ସୁରକ୍ଷିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ହକରମାନଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ




କ୍ଷେତ୍ରରେ ୨ଲକ୍ଷଟଙ୍କା, କାମ କରିବା ପାଇଁ ଓ୍ୱାର୍କ ସେଡ୍, ସମସ୍ତ ହକରମାନଙ୍କୁ ପରିଚୟ ପତ୍ର ପ୍ରଦାନ ସହିତ ସେମାନଙ୍କର ସ୍ୱତନ୍ତ୍ର ଡାଟା ବେସ୍ ପ୍ରସ୍ତୁତ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି ପାରାଦୀପ ଖବର କାଗଜ ବିତରକ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ । ଶୁକ୍ରବାର ଦିନ ସଂଘର ସଭାପତି ନିମାଇଁ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବାଳକୃଷ୍ଣ ସୂତାର, ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇ କରିଥିଲେ ।

# ପୁରାତନ ବିଧାନସୌଧର ବିକାଶ ହେବ: ବାଚସ୍ପତି



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପୁରାତନ ବିଧାନସୌଧ ସର୍ଦ୍ଦାର ପଟେଲ ହଲର ଗୌରବମୟ ଐତିହ୍ୟର ସୁରକ୍ଷା ସହ ଏହାର ଯଥାର୍ଥ ବିକାଶ ପାଇଁ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ବାଚସ୍ପତିଙ୍କ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସର୍ଦ୍ଦାର ପଟେଲ ହଲର ସୌନ୍ଦର୍ଯ୍ୟକରଣ ସହ ଏହି ଗୃହର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବ। ଏହାର ଚତୁଃପାର୍ଶ୍ୱରେ ଏକ ସୁନ୍ଦର ପାର୍କ ନିର୍ମାଣ ପାଇଁ ମଧ୍ୟ ବାଚସ୍ପତି ଡ଼ଃ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ୧୯୩୬ ମସିହାରୁ ୧୯୬୪ ମସିହା ପର୍ଯ୍ୟନ୍ତ ଥିବା ବିଧାନସଭାର ସଭ୍ୟମାନଙ୍କର ତୈଳ ଚିତ୍ର ସର୍ଦ୍ଦାର ପଟେଲ ହଲ୍‌ରେ ସ୍ଥାନ ପାଇବ। ଶ୍ରାବ୍ୟ ବ୍ୟବସ୍ଥା ମାଧ୍ୟମରେ ତତକାଳୀନ ନେତା ଏବଂ ବିଧାୟକମାନଙ୍କ ଜୀବନୀ, କାର୍ଯ୍ୟକଳାପ ଓ ରାଜ୍ୟର ପ୍ରଗତିରେ ସେମାନଙ୍କ ଅନବଦ୍ୟ ଭୂମିକା ସଂପର୍କରେ ଆଗନ୍ତୁକମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରାଯିବ। ଏ ସଂକ୍ରାନ୍ତୀୟ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସଂସ୍କୃତି ବିଭାଗକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଭବିଷ୍ୟତ ଗବେଷଣା ପାଇଁ ତତ୍‌କାଳୀନ ବିହାର-ଓଡ଼ିଶା ବିଧାନସଭାର ସମସ୍ତ ବିସ୍ତୃତ ବିବରଣୀ ସଂଗ୍ରହ ପାଇଁ ମଧ୍ୟ ବାଚସ୍ପତି ଡ଼ଃ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ବିଧାନସଭା ସଂଲଗ୍ନ ରାସ୍ତା ପାର୍ଶ୍ୱରେ ମଧ୍ୟ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ବାଚସ୍ପତି ଡ଼ଃ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିମୂର୍ତ୍ତି ପାର୍ଶ୍ୱରେ ସେମାନଙ୍କ ଜୀବନୀ ଓ ସଂଗ୍ରାମ କାହାଣୀର ବିବରଣୀ ରହିବ। ସର୍ବୋଚ୍ଚ ଉଚ୍ଚତାର ଫ୍ଲାଗ ପୋଷ୍ଟ ଏବଂ ସୁଦୃଶ୍ୟ ୱାଚ୍ ଟାୱାର ନିର୍ମାଣ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏୟାରପୋର୍ଟ ଅଥରିଟିଙ୍କ ପରାମର୍ଶ ଅନୁଯାୟୀ ଏଗୁଡିକର ଉଚ୍ଚତା ସ୍ଥିର କରିବାକୁ ସେ ପରାମର୍ଶ ଦେଇଛନ୍ତି।


# ଭୁବନେଶ୍ୱର ୟୁନିଟ୍ -୯ ସେମିରେ ମା ଶାରଳା କ୍ରିକେଟ

**ତିର୍ତ୍ତୋଲ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପାଳନ୍ଦା ଗ୍ରୀନପାର୍କରେ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ତିର୍ତ୍ତୋଲର ୫ମ ଦିନ ମ୍ୟାଚଟି କଟକ(ଚୌଦ୍ୱାରା) ଓ ୟୁନିଟ୍ – ୯ ଭୁବନେଶ୍ୱର ମୁରେ ମ୍ୟାଚିଟି ଅନୁଷ୍ଠିତ ହୋଇଥିଲା। କଟକ(ଚୌଦ୍ୱାର) ଟସ ଜିତି ୧୫ ଓଭରରେ ୧୦ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିବାବେଳେ ୟୁନିଟ୍ – (୯) ୧୩ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜେତା ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଦ୍ୱିତୀୟ ଇନିଂସିରେ ୟୁନିଟ୍ -୯ ଓ ଡ଼ିଡ଼ିଏଲ ସାଲେପୁର କ୍ରିକେଟ୍ ଟିମ୍ ମୁରେ ଅନୁଷ୍ଠିତ ହୋଇଥିଲା। ଡ଼ିଡ଼ିଏଲ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିଥିବାବେଳେ ୟୁନିଟ୍‌ଥ -୯ ୯ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକତା ରନ କରି ବିଜେତା ହୋଇଥିଲା। ଆଜିର ଦୁଇଟି ମ୍ୟାଚରେ ୟୁନିଟ୍-୯ର ପିପିଲି ପୁଅ ବ୍ୟାଟିଙ୍ଗ ଓ ବୋଲିଙ୍ଗରେ ଭଲ ପଦର୍ଶନ କରି ମ୍ୟାନଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟଅତିଥିଭାବେ ତିର୍ତ୍ତୋଲସ୍ଥିତ ନେହେରୁ କଲୋନୀଠାରେ ଥିବା ୟୁନୋପୋଷର




ଅଧ୍ୟକ୍ଷ ଜୀବନ ବଲ୍ଲଭ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିପିଲି ପୁଅଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସତନ୍ତ୍ର ଅତିଥିଭାବେ ମା ଶାରଳା କ୍ରିକେଟ୍ ଆସୋସିଏସନର ସଭାପତି ବିମଳ ମହାପାତ୍ର ଯୋଗଦେଇ କ୍ରିକେଟ୍ ଟିମ୍ , ପରିଚାଳକ ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳରେ ଅମ୍ପେଆରଭାବେ ବିଭୂକଲ୍ୟାଣ ମହାପାତ୍ର, କାର୍ତ୍ତିକ ଲେଙ୍କା, ଏମଡ଼ି.ଏଜାଜ ଓ ସୌମ୍ୟ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିବାବେଳେ ଭ୍ୟାଷ୍ୟକାରରେ ସେଖ୍ ପପୁ, ପବିତ୍ର କୁମାର ନାୟକ, ଲଗନ ମହାନ୍ତି, ବୁଦ୍ଧାଦେବ ମହାରଣା ଓ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ହିନ୍ଦି, ଇଂଗ୍ରାଜୀ ଓ ଓଡ଼ିଆ ଭାଷାରେ ଖେଳର ବିବରଣୀ ପ୍ରଦାନ କରିଥିଲେ। ଏହି ଖେଳକୁ ଶହଶ୍ରାଧିକ ଦର୍ଶମ ମନଭରି ଉପଭୋଗ କରିଥବା ଦେଖିବାକୁ ମିଳିଥିଲା। ସନିଆ ମିକଶ୍ଚର, ମନୁ ଆଇସକ୍ରିମି ଓ ସନ୍ତିଆ ଆଳୁଦମ ଦହିବରା ଦର୍ଶକ ମାନଙ୍କୁ ଖେଳ ଦେଖିବାରେ ଆହୁରି ମଜାଦାର କରୁଥିବା ଦର୍ଶକମାନେ କହିଥିଲେ। ଏହି ଖେଳକୁ ମା ଶାରଳା କ୍ରିକେଟ୍ ଆସୋସିଏସନର ବିକ୍ରମ ରାୟ, ବିପ୍ଳବ ରାୟଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ରଘୁନାଥପୁର ପୂ. ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ନାୟକ ଗଲେ ଜେଲ୍



ଜମି ଠକେଇ ମାମଲା

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁରର ପୂର୍ବତନ ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ନାୟକ ଏକ ଜମି ଠକେଇ ମାମଲାରେ ମାନ୍ୟବର ଅଦାଲତ ତାଙ୍କ ଜାମିନ ନାମଂଜୁର କରିବାରୁ ସେ ଜେଲ ଯାଇଛନ୍ତି। ଘଟଣାରୁ ପ୍ରକାଶ, ରଘୁନାଥପୁର ତହସିଲ ଅଧିନସ୍ଥ ଜଗନ୍ନାଥପୁର ମୌଜାର ଖାତା ନଂ ୭୩୬ ପ୍ଲଟ୍ ୨୨ ଏ୦.୨୯ଡି. ଜମିଟି ଶିଶିର ଚନ୍ଦ୍ର ବୋଷ୍, ଶିରିଶି ଚନ୍ଦ୍ର ବୋଷ୍, କ୍ଷତିଶ ଚନ୍ଦ୍ର ବୋଷ୍, ଜୋତିଷ ଚନ୍ଦ୍ର ବୋଷ, ଜଗଦିଶ୍ ଚନ୍ଦ୍ର ବୋଷ୍ ପିତା ରାମ ଚରଣ ବୋଷ୍, ସୌନକ ଚନ୍ଦ୍ର ବୋଷ, ସୌମେନ୍ଦ୍ର ଚନ୍ଦ୍ର ବୋଷ, ସବିଶ ଚନ୍ଦ୍ର ବୋଷ, ପିତା- ସତିଶ ଚନ୍ଦ୍ର ବୋଷଙ୍କ ନାମରେ ଥିଲା। ଏହି ୨୯ଡିସିମିଲ ଜମିକୁ ରଘୁନାଥପୁର ଥାନା ଅଧିନ ଜଗନ୍ନାଥପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ନାମରେ ଟଂଚକତାପୂର୍ବକ ପୂର୍ବତନ ତହସିଲଦାର ଓ ପୂର୍ବତନ ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ନାୟକ ତାଙ୍କ ନାମରେ କରାଇ ଦେଇଥିଲେ। ଏହି ସଂପର୍କରେ ରଘୁନାଥପୁର ଗ୍ରାମ ନ୍ୟାୟାଳୟରେ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ। ମାନ୍ୟବର ଅଦାଲତ ଥାନା ଅଧିକାରୀଙ୍କୁ ଉକ୍ତ ମାମଲାର କେଶ୍‌କୁ ଫଂଜିକୃତ କରାଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରଘୁନାଥପୁର ଥାନା ପକ୍ଷରୁ କେଶ୍ ରୁଜୁ ହୋଇଥିଲା। ଉକ୍ତ କେଶ୍ ବଳରେ ପୂର୍ବରୁ ଜଣେ ଜେଲ୍ ଯାଇଥିଲେ। ଏହି ଜମି ଟଂଚକତା କରାଇଥିବା ତହସିଲଦାର ସନ୍ତୋଷ କୁମାର ସେନାପତି ମୃତ୍ୟୁବରଣ କରିଥିବା ବେଳେ ରାଜସ୍ୱ ନିରୀକ୍ଷକ ନୃସିଂହ ନାୟକ ଆଜି ମାନ୍ୟବର ଗ୍ରାମ ନ୍ୟାୟାଳୟ ରଘୁନାଥପୁରଙ୍କ ଅଦାଲତରେ ଆତ୍ମ ସମର୍ପଣ କରିଥିଲେ। ମାନ୍ୟବର ଅଦାଲତରେ ତାଙ୍କର ଜାମିନ ନାମଂଜୁର କରିଦେବାରୁ ତାଙ୍କୁ ଆଳିପିଙ୍ଗଳ ଜେଲ୍‌କୁ ପଠାଇ ଦିଆଯାଇଛି। ଉକ୍ତ କେଶ୍‌ଟିକୁ ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବି ଦୋଳଗୋବିନ୍ଦ ମହାପାତ୍ର ପରିଚାଳନା କରୁଥିବା ବେଳେ ସରକାରୀ ଆଇନଜୀବି ଶୁଭେନ୍ଦୁ ଦାଶ ଉପସ୍ଥିତ ଥିଲେ।

# ଗାଦିବ୍ରହ୍ମ ଓମେନସ୍ କଲେଜର ଏଡସ୍ ସଚେତନତା କାର୍ଯ୍ୟକ୍ରମ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ କାଦୁଅପଡା ଠାରେ ଥିବା ଗାଦିବ୍ରହ୍ମ ଓମେନସ୍ କଲେଜ ତରଫରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ରେଡରିବନ କ୍ଲବର ଚେୟାରମ୍ୟାନ ତଥା ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସସ୍ମିତା ମହାନ୍ତି,ୟୁଥ ରେଡକ୍ରସର କାଉନସେଲର ଅଧାପିକା ଡକ୍ଟର ଉର୍ମିଳା ମହାରଣାଙ୍କ ସଏହିତ ଅନ୍ୟସମସ୍ତ ଅଧାପକ,ଅଧାପିକା ଓ କର୍ମଚ୍ଚରୀ ଏବଂ +୩ର ସମସ୍ତ କଳା ଓ ବିଜ୍ଞାନ ରେ ଛାତ୍ରୀ ମାନେ ଏକ ପଦଯାତ୍ରାରେ ମହାବିଦ୍ୟାଳୟ ସମ୍ମୁଖରୁ କାଦୁଅପଡା ଗ୍ରାମକୁ ଯାଇ ଏଡସ୍ ସଚେତନତାର ବାର୍ତ୍ତା ମାଧ୍ୟମରେ ସଚେତନତା କରିଥିଲେ। ଏଡସ୍ ମୁକ୍ତ ସମାଜ ଗଠନ ସଂପର୍କରେ ବାର୍ତ୍ତ ପ୍ରଦାନ କରିବା ସହିତ ପଦଯାତ୍ରା ମୁଳଲକ୍ଷ ବୋଲି ମତବ୍ୟକ୍ତ କରିଥିଲେ।

# ଜାମୁକାଶ୍ମୀର ଠାରେ ଆୟୋଜିତ 'ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ' ଦ୍ୱାରା କୁଜଙ୍ଗର ସାମ୍ବାଦିକ ସୁନାକର ବେହେରା ସମ୍ମାନିତ



**କୁଜଙ୍ଗ(ସଂପର୍କବାର୍ତ୍ତା):-** ଭାରତ ସରକାରଙ୍କ ନୀତିଆୟୋଗ ଅଧିନ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ଦ୍ୱାରା ଜାମୁକାଶ୍ମୀର ଠାରେ ଆୟୋଜିତ ସର୍ବଭାରତୀୟ ଜାତୀୟ ଖାଉଟି କଲ୍ୟାଣ ସମ୍ମିଳନୀରେ ଓଡିଶାର ସାଧାରଣ ଖାଉଟି ମାନଙ୍କ ସମସ୍ୟା ଉପସ୍ଥାପ ସନ୍ଦର୍ଭ ପତ୍ର ଉପସ୍ଥାପନ କରି ସୁନାକର ବେହେରା ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଦ୍ୱାରା ସମ୍ମାନୀତ ହୋଇଛନ୍ତି। ଏହି ସମ୍ବର୍ଦ୍ଧନା ତାଙ୍କୁ ମୁଖ୍ୟଅତିଥି ଡଃ.ଅନନ୍ତ ନାରାୟଣ ଶର୍ମା ଭାରତୀୟ ଉପଭୋକ୍ତା ମହାସଂଘର ରାଷ୍ଟ୍ରିୟ ଅଧକ୍ଷ ପ୍ରଦାନ କରିଥିଲେ। ତେବେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନେ ସୁନାକର ବେହେରାଙ୍କୁ ଅଭିନନ୍ଦନ ଓ ସ୍ୱାଗତ ଜଣାଇଛନ୍ତି ଯାହା ଓଡିଶା ରାଜ୍ୟକୁ ଗର୍ବ ଓ ଗୌରବ ଆଣିଦେଇଛି। ସୁନାକର ବେହେରାଙ୍କ ଏହି ସଫଳତା ପାଇଁ ଓଡିଶାର ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ,ଜଗତସିଂହପୁର ସାଂସଦ ଡଃ.ରାଜଶ୍ରୀ ମଲ୍ଲିକ,ଜଳସଂପଦ,ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ,ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ କମିଟି ଅଧକ୍ଷ ପ୍ରଶାନ୍ତ କୁମାର ମୁଦୁଲି,ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ,ରାଜ୍ୟକାଜୁନିଗମ ଅଧକ୍ଷ ଅମରେନ୍ଦ୍ର ଦାସ,ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟାୱରୀପ୍ରମୁଖ ଜିଲ୍ଲା ତଥା ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ନବରଙ୍ଗପୁର ଡିଭିଜନ୍‌ରେ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ଓଏଲ୍‌ଆଇସି ଅଧକ୍ଷ ଅମରେଶ ପତ୍ରୀ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ଉଠା ଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରୀ ଗତ ୨୯ ତାରିଖ ଦିନ ନବରଙ୍ଗପୁର ଉଠାଜଳସେଚନ ଡିଭିଜନ ଗସ୍ତ କରି ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଏକ ବୈଠକରେ ଯୋଗଦେଇ ନିଗମ ଜରିଆରେ କରାଯାଉଥିବା ବିଭିନ୍ନ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ଓ.ଏଲ୍.ଆଇ.ସି. ଜରିଆରେ କରାଯାଉଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସଂପୃକ୍ତ ଯନ୍ତ୍ରୀମାନଙ୍କୁ ସମନ୍ୱୟ ରଖି କାର୍ଯ୍ୟ ସଂପାଦନ କରିବାକୁ ସେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ଉଠା ଜଳସେଚନ ନିଗମ ଜରିଆରେ ଆବଶ୍ୟକ ସୁବିଧା ଜନକ ସ୍ଥାନରେ ଜଳସେଚନ ବ୍ୟବସ୍ଥା କରି କୃଷିର ବିକାଶ ଓ କୃଷକମାନଙ୍କର କଲ୍ୟାଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଯେଉଁ ସ୍ୱପ୍ନ ରହିଛି, ୫-ଟି ଆଧାରରେ ସମ୍ମିଳିତ ପ୍ରଚେଷ୍ଟା ଓ ସ୍ୱଚ୍ଛତା ଅବଲମ୍ବନ କରି ସଂପୃକ୍ତ ଯନ୍ତ୍ରୀମାନେ ଆନ୍ତରିକ ଉଦ୍ୟମ କରି କାର୍ଯ୍ୟ ସଂପାଦନ କରିବାକୁ ଓ.ଏଲ୍.ଆଇ.ସି ଅଧକ୍ଷ ଶ୍ରୀ ପତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ପରିପେକ୍ଷୀରେ ଶ୍ରୀ ପତ୍ରୀ ନବରଙ୍ଗପୁର ଓ.ଏଲ୍.ଆଇ.ସି ଡିଭିଜନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।

ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନବରଙ୍ଗପୁର ଉଠାଜଳସେଚନ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ(ସିଭିଲ୍) ସତ୍ୟାନନ୍ଦ ଦାସ, ସହକାରୀ ଯନ୍ତ୍ରୀ(ସିଭିଲ୍) ଆର୍.ସି.ସୋରେନ୍, କନିଷ୍ଠ ଯନ୍ତ୍ରୀ ହର ବିଭୂତି ମିଶ୍ର, ମନୋଜ କୁମାର ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍) ପି.କେ.ଦାସ, କନିଷ୍ଠ ଯନ୍ତ୍ରୀ, ଉତ୍କଳ ଭୂଷଣ ସାମଲ, ଡିଭିଜନାଲ ଆକାଉଣ୍ଟାଣ୍ଟ ଜୟରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଯୁବତୀ ମୃତ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** କୋଶଳ ଗ୍ରାମର ପ୍ରଦିପ୍ତ କୁମାର ଚୌଧୁରୀଙ୍କ ଘରେ କାର୍ଯ୍ୟ କରୁଥିବା ଜନୈକ ଯୁବତୀ ଆଜି ପୋଖରୀରେ ବୁଡିଯାଇ ମୃତ୍ୟୁବରଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ପ୍ରକାଶ ଥାଉକି, ବାଲେଶ୍ୱର ଜିଲ୍ଲା ଶିମୁଳିଆ ଥାନା ବାଲିହନ୍ତି ଗ୍ରାମର ଅନିତା ରାଣୀ ସାମଲ କୋଶଳ ଗ୍ରାମରେ ଚୌଧୁରୀଙ୍କ ଘରେ ରହି କାର୍ଯ୍ୟ କରୁଥିଲେ। ପ୍ରତ୍ୟୁଷ୍ୟରୁ ସେ ଘର ନିକଟରେ ଥିବା ଏକ ପୋଖରୀ ପାଣିରେ ପଡିଯାଇ ମୃତ୍ୟୁବରଣ କରିଥିଲେ। ପରିବାର ଲୋକେ ତାଙ୍କୁ ରଘୁନାଥପୁର ମେଡିକାଲକୁ ଆଣିଥିଲେ। ଡାକ୍ତର ଏଠାରେ ତାଙ୍କୁ ମୃତଘୋଷଣା ପରେ ପୋଲିସ ଶବଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ପଠାଇଛନ୍ତି।


# ସାରସ୍ୱତ ପରିଷଦ ପକ୍ଷରୁ 'ଚୌଧୁରୀ ପରିବାର ଓ ରମାଦେବୀ' ଶୀର୍ଷକ ଆଲୋଚନା ଚକ୍ର



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ମା'ରମାଦେବୀଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ପରିଷଦର କର୍ମକର୍ତ୍ତା ମାନେ ପୌର ପରିଷଦର ପରିସରରେ ଥିବା ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ 'ଚୌଧୁରୀ ପରିବାର ଓ ରମାଦେବୀ' ଶୀର୍ଷକ ଆଲୋଚନା ଚକ୍ରରେ ସଭାପତିତ୍ୱ କରି ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଜଗତସିଂହପୁରର ଗାନ୍ଧୀ ପରିବାର କହିଲେ ଚୌଧୁରୀ ପରିବାରକୁ ହିଁ ବୁଝାଇଥାଏ ଓ ସେହି ପରିବାରର ବଡବୋହୂ ହିସାବରେ ରମାଦେବୀ ଦରିଦ୍ର ଏବଂ ନିଷ୍ପେଷିତ ଜନତାର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ଅନ୍ୟତମ ଆଲୋଚକ ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ଆଲୋଚନାରେ ଅଂଶ ଗ୍ରହଣ କରି ଉତ୍କଳର ମା' ରମାଦେବୀ ନାରୀ ଜାତି ପାଇଁ ଏବେବି ଆଦର୍ଶ ଓ ପ୍ରେରଣାର ଉତ୍ସ ହୋଇରହିଛନ୍ତି ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିଜୟ କୁମାର ପ୍ରଧାନ, ବିବେକାନନ୍ଦ ବେହେରା ଓ ସେହ୍ନାଶିଷ ଆଚାର୍ଯ୍ୟ ଚୌଧୁରୀ ପରିବାରର ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ,ମାଳତୀ ଚୌଧୁରୀ,ମନମୋହନ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣା ଓ ସର୍ବୋପରି ମା' ରମାଦେବୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ପ୍ରତାପ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟେଣୀଗାଁ ପଞ୍ଚାୟତର କଂଗ୍ରେସ ସମର୍ଥିତ ବିଜେଡିରେ ସାମିଲ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୧ନଂ ଜୋନ ର ପାଟେଣୀଗାଁ ପଞ୍ଚାୟତର ବହୁ କଂଗ୍ରେସ ସମର୍ଥିତ କର୍ମୀ ବିଜୁଜନତା ଦଳରେ ସାମିଲ ହୋଇଥିବା ସୂଚନା ମିଳିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିଜୁଜନତା ଦଳର ଆଭିମୁଖ୍ୟ ସହିତ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଆଦର୍ଶ ତଥା ନେତୃତ୍ୱକୁ ଭରସା କରି ଜଗତସିଂହପୁର ବ୍ଲକର ପାଟେଣୀଗାଁ ପଞ୍ଚାୟତର ଶତାଧିକ କଂଗ୍ରେସ ସମର୍ଥିତ କର୍ମୀ ଯଥା ପ୍ରମୋଦ କୁମାର ମଲ୍ଲିକ,ପୁନାନନ୍ଦ ସ୍ୱାଇଁ,ରାଜେନ୍ଦ୍ର ବେହେରା, ଚିତ୍ତରଂଜନ ସାହୁ,ରାଜକିଶୋର ମଲ୍ଲିକ,ରାଜକିଶୋର ଭୋଇ,ସାଧନ କୁମାର ଭୂୟାଁ,ଅନିଲ କୁମାର ଦାସ,ଜଗବନ୍ଧୁ ନାୟକ,ଅସିତ୍ କୁମାର ତ୍ରିପାଠୀ,ନାରାୟଣ ତ୍ରିପାଠୀ,ରମେଶ ଚନ୍ଦ୍ର ଜେନା,ପ୍ରତାପ ଦାସ,ଗୋପାଳଚନ୍ଦ୍ର ଦାସ,ଗୌରାଙ୍ଗ ମହାରଣା ଆଜି ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ।ବିଜେଡିରେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ବିଜୁଜନତା ଦଳର ଉତ୍ତରୀ ଓ ପୁଷ୍ପମାଲ୍ୟ ଅର୍ପଣ କରି ବିଜେଡି ଦଳକୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲ୍ଲା ବିଜୁଜନତା ଦଳର ସଂପାଦକ ପ୍ରଶାନ୍ତ କୁମାର ବେହେରା,ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ,ପ୍ରତାପ କୁମାର ସଦାହୁ,ସୁରେନ୍ଦ୍ର ନାଥ ସ୍ୱାଇଁ,ସୁମନ୍ତି ଓଝା,ମନୋରଂଜନ ସାହୁ,ଦିଲ୍ଲିପ ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ଭିଜିଲାନ୍ସ ମାମଲା ପଦୋନ୍ନତିରେ ବ୍ରେକ୍ ଲାଗିବ ନାହିଁ

**କଟକ(ତପନ ମହାନ୍ତି):-** ଦୀର୍ଘ ଦିନ ଧରି ଭିଜିଲାନ୍ସ ମାମଲା ବିଚାରାଧୀନ ରହିଲେ ବି ତାହା ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ପଦୋନ୍ନତିରେ ବାଧକ ହେବ ନାହିଁ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଗୋଟିଏ ଘଟଣାକୁ ନେଇ ଭିଜିଲାନ୍ସ ମାମଲା ରୁଜୁ ହେବା ପରେ ପୂର୍ତ୍ତବିଭାଗର ନିର୍ବାହୀ ଯନ୍ତ୍ରୀ ତଥା ଆବେଦନକାରୀ ସି.ପି.ଗନ୍ତାୟତଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭାଗୀୟ ତଦନ୍ତରେ ଆଦେନକାରୀ ଦୋଷମୁକ୍ତ ହୋଇଥିଲେ। କିନ୍ତୁ ତାଙ୍କୁ ଅଧୀକ୍ଷଣ ଯନ୍ତ୍ରୀ (ସିଭିଲ) ଲେଭଲ-୨ ଭାବେ ପଦୋନ୍ନତି ମିଳି ନଥିଲା। ଏହି ପ୍ରସଂଗକୁ ନେଇ ଦାୟର ମାମଲାର ହାଇକୋର୍ଟ ଶୁଣାଣି କରି ଆବେଦନକାରୀଙ୍କୁ ପଦୋନ୍ନତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭିଜିଲାନ୍ସ ମାମଲା ବିଚାରୀଧୀନ ରହିଛି ବୋଲି ଆବେଦକାରୀଙ୍କୁ ପଦୋନ୍ନତି ସୁବିଧା ମନା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଦା ଲଫାପାରେ ରହିଥିବା ପଦୋନ୍ନତି ସଂପର୍କିତ ନଥି ଖୋଲାଯିବ, ଯଦି ଆବେଦନକାରୀ ଯୋଗ୍ୟ ବୋଲି ଜଣାପଡ଼େ ତେବେ ତାଙ୍କୁ ପଦୋନ୍ନତି ପ୍ରଦାନ କରାଯିବ। ତାଙ୍କ ଠାରୁ କନିଷ୍ଠମାନେ ପଦୋନ୍ନତି ପାଇଥିବା ସମୟରୁ ଆବେଦନକାରୀଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯିବ। ତିନି ମାସ ଭିତରେ ଏହି ପ୍ରସଂଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ଜଷ୍ଟିସ ବି.ଆର ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ସି.ପି.ଗନ୍ତାୟନ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ର ଭାବେ ଯୋଗ ଦେଇଥିବା ବେଳେ ୨୦୦୨, ଜାନୁଆରୀ ୨୪ରେ ସହକାରୀ ନିର୍ବାହୀ ଯନ୍ତ୍ରୀଓ ୨୦୦, ନଭେମ୍ବର ୧୦ରେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ନିର୍ବାହୀ ଯନ୍ତ୍ରୀଙ୍କ ଗ୍ରେଡ଼େସନ୍ ତାଲିକାର ୧୧୮ ନମ୍ବର ସ୍ଥାନରେ ଆବେଦନକାରୀ ରହିଥିଲେ। ଭୁବନେଶ୍ୱର ଆର ଆଣ୍ଡ



ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ବି ଡିଭିଜନ୍ -୪ ନିର୍ବାହୀ ଯନ୍ତ୍ରୀ ଭାବେ ଆବେଦନକାରୀ କାର୍ଯ୍ୟ କରୁଥିବାବେଳେ ୨୦୧୦, ଅଗଷ୍ଟ ୨୦ରେ ତାଙ୍କ ନାମରେ ଏକ ଭିଜିଲାନ୍ସ ମାମଲା ରୁଜୁ ହୋଇଥିଲା। ୨୦୧୪, ସେପ୍ଟେମ୍ବର ୩୦ରେ ଆବେଦନକାରୀଙ୍କ ସହିତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜସିଟ ଦାଖଲ କରିଥିଲା। ୨୦୧୪ ଜୁଲାଇ ୧୧ରେ ଆବେଦନକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ (ସିଭିଲି)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟ ମନ୍ତ୍ରୀ (ବିଲ୍ଡିଂ)ଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୫, ଜୁନ୍ ୨ରେ ତଦନ୍ତକାରୀ ଅଧିକାରୀ ଦାଖଲ କରିଥିବା ରିପୋର୍ଟରେ ସମସ୍ତ ଅଭିଯୋଗରୁ ଆବେଦନକାରୀଙ୍କୁ ଦୋଷମୁକ୍ତ କରାଯାଇଥିଲା। ଏହାପରେ ୨୦୧୫, ଡିସେମ୍ବର ୧୫ରେ ଆବେଦନକାରୀ ଓ ଅନ୍ୟ ଦୁଇ ଯନ୍ତ୍ରୀଙ୍କୁ ବିଭାଗୀୟ ଅଭିଯୋଗରୁ ସରକାରୀ ଦୋଷମୁକ୍ତ କରିଥିଲେ। ତିନିଜଣଙ୍କ ଭିତରୁ ଜଣେ ସହକାରୀ ଯନ୍ତ୍ରଙ୍କୁ ଉପନିର୍ବାହୀ ଯନ୍ତ୍ରୀ ପଦକୁ ସରକାର ପଦୋନ୍ନତି ଦେଇଥିଲେ। ଅନ୍ୟପକ୍ଷରେ ଆବେଦନକାରୀଙ୍କୁ ପଦୋନ୍ନତି ଦିଆଯାଇ ନଥିଲା। ଗ୍ରେଡେସନ ତାଲିକାରେ ଆବେଦନକାରୀଙ୍କ ତଳ ସ୍ଥାନରେ ଥିବା ୩୦ରୁ ଅଧିକ ନିର୍ବାହୀ ଯନ୍ତ୍ରୀଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ପଦକୁ ପଦୋନ୍ନତି ଦିଆଯଇଥିଲା। କିନ୍ତୁ ଭୁବନେଶ୍ୱର ଆର ଆଣ୍ଡ ବି ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଆବେଦନକାରୀଙ୍କୁ ପଦୋନ୍ନତି ପ୍ରସଂଗରୁ ବାଦ ଦିଆଯାଇଥିଲା। ତାଙ୍କ ପଦୋନ୍ନତି ସଂପର୍କିତ ଫାଇଲକୁ ମୁଦା ଲଫାପାରେ ରଖାଯାଇଥିଲା। ଏହିପ୍ରସଂଗକୁ ନେଇ ଆବେଦନକାରୀ ହାଇକୋର୍ଟଙ୍କଦ୍ୱାରସ୍ଥ ହୋଇଥିଲେ। ୨୦୨୧, ମାର୍ଚ୍ଚ ୨୨ରେ ହାଇକୋର୍ଟର ଜିଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ପଦୋନ୍ନତି ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ। ଏହି ପ୍ରସଂଗ ବିଚାରାଧୀନ ଭିଜିଲାନ୍ସ ମାମଲାର ଫଳାଫଳ ଉପରେ ନିର୍ଭର କରିବ ବୋଲି ରାୟରେ ସ୍ପଷ୍ଟ କରାଯାଇଥିଲା। ଜଣିକିଆ ବିଚାରପତିଙ୍କ ରାୟକୁ ଦୁଇ ଜଣିଆ ଖଣ୍ଡପୀଠରେ ସରକାର ଚାଲେଞ୍ଜ କରିଥିଲେ। ଅଗଷ୍ଟ ୧୯ରେ ଦୁଇ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ସାନି ନିର୍ଦ୍ଦେଶ ପ୍ରଦାନ କାଇ ଜଣିକିଆ ବିଚାରପତିଙ୍କୁ କହିଥିଲେ। ଏହାପରେ ହି ପ୍ରସଂଗରେ ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠରେ ସାନି ଶୁଣାଣି ହୋଇଥିଲା।

# ଭୁବନେଶ୍ୱର ଚୋରର ମାନବିକତା


**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଡକାୟତି ପାଇଁ ଆସିଲେ ହେଲେ ଫସର ଫାଟିରଲା ଯୋଜନା। ମଂଚଶ୍ୱର ଥାନା ଅନ୍ତର୍ଗତ ଟାଙ୍ଗବନ୍ତରେ ରହୁଥିବା ବିଜୟ ମିଶ୍ରଙ୍କ ଘରକୁ ଗୁରୁବାର ରାତି ଦୁଇଟା ବେଳେ କବାଟ ଭାଙ୍ଗି ପଶିଥିଲେ ଚାରି ଜଣ ଚୋରି। ହେଲେ ବଡ ଧରଣର ଡକାୟତି କରିବାକୁ ଆସି ହଟହଟା ହୋଇଛନ୍ତି ଏହି ଚୋର। ଅନେକ ଟଙ୍କା ଓ ସୁନା ଥିବା ଆଶାରେ ଆସି ପାଇଛନ୍ତି ମାତ୍ର ୨୫ହଜାର ଟଙ୍କା କିନ୍ତୁ




ଆଶ୍ଚର୍ଯ୍ୟର କଥାହେଉଛି ତାହା ପେନସନ ଟଙ୍କା ବୋଲି ଜାଣିବା ପରେ ବୃଦ୍ଧ ଦମ୍ପତିଙ୍କୁ ଖର୍ଚ୍ଚ କରିବାକୁ ଦେଇଯାଇଛନ୍ତି ଦୁଇ ହଜାର ଟଙ୍କା। ବିଜୟଙ୍କ ପତ୍ନୀ ପିନ୍ଧିଥିବା ସୁନା ଚୁଡିକୁ ମଧ ନେବାକୁ ଉଦ୍ୟମ କରିଥିଲେ ଚୋର। ହେଲେ ଗୁରୁବାର ମା,ମାନଙ୍କ ଦେହରୁ ସନ୍ନା କାଢିବା କଥା ନୁହେଁ ବୋଲି କହିବା ପରେ ତାହାକୁ ମଧ ଫେରାଇ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦମ୍ପତିଙ୍କ ମୋବାଇଲ ଫୋନ ଓ ଘରେ ଲାଗିଥିବା ଟିଭିକୁ ମଧ ଦମ୍ପତିଡଯକୁ ଅନୁରୋଧ ପରେ ଫେରାଇ ଦେଇଛନ୍ତି ୪ଜଣ ଚୋର। ଆଶା ଅନୁରୂପ ଟଙ୍କା ଓ ସୁନା ନପାଇବା ପରେ ସୂଚନାଦାତାକୁ ଗାଳି କରିଥିଲେ ଏହି ଚାରି ଚୋର। ଏପରିକି ଶନିବାର ଆସି ଚୋରି କରିଥିବା ଟଙ୍କା ଫେରେଇଦେବାକୁ ଦମ୍ପତିଙ୍କୁ ପ୍ରିତିଶ୍ରୁତି ମଧ ଦେଇଛନ୍ତି। ଏବେ କମିଶନରେଟ ପୁଲିସ ଘଟଣାର ତଦନ୍ତ କରୁଛି।

# ଜାନୁଆରୀ-ଫେବୃଆରୀ ତୃତୀୟ ଲହର:ବିଶେଷଜ୍ଞ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତରେ ତୃତୀୟ ଲହର ଆସିବା ନିଶ୍ଚିତ। କରୋନାର ନବଆ ଭାରିଆଣ୍ଟ ଓମିକ୍ରନ ଡିସେମ୍ବର ଶେଷ ସପ୍ତାହ ଯାଏଁ ରହିବ। ଫଳରେ ଜାନୁଆରୀ ଶେଷ ସପ୍ତାହରେ କିମ୍ବା ଫେବୃଆରୀ ପ୍ରାରମ୍ଭରେ ଓମିକ୍ରନ ଶିଖର ଛୁଇଁବ। ପଦ୍ମଶ୍ରୀ, ଆଇଆଇଟି ପ୍ରଫେସର ବରିଷ୍ଠ ବୈଜ୍ଞାନିକ ମଣିନ୍ଦ୍ର ଅଗ୍ରୱାଲ ନୂତନ ଅଧ୍ୟୟନ ପରେ ଏହା ଦାବି କରିଛନ୍ତି। ତୃତୀୟ ଲହର, ଦ୍ୱିତୀୟ ଲହର ଅପେକ୍ଷା କମ୍ ସାଂଘାତିକ ହେବ। ସୂଚନା ଥାଉକି, ଦକ୍ଷିଣ



ଆଫ୍ରିକାରେ ଓମିକ୍ରନ୍ ଚିହ୍ନଟ ପରେ ସମଗ୍ର ବିଶ୍ୱରେ ଆତଙ୍କ ଖେଳିଯାଇଛି। ଅଧ୍ୟୟନ ଅନୁଯାୟୀ ତୃତୀୟ ଲହର ଦ୍ୱିତୀୟ ଲହର ଭଳି ମାରାତ୍ମକ ହେବନି। ମଣିନ୍ଦ୍ର ଅଗ୍ରୱାଲ ତାଙ୍କର ଗାଣିତିକ ମଡେଲ ସୂତ୍ର ଆଧାରରେ ଏହି ସିଦ୍ଧାନ୍ତରେ ଅବଗତ କରାଇଛନ୍ତି। ପୂର୍ବରୁ ପ୍ରଫେସର ଅଗ୍ରୱାଲ ଦ୍ୱିତୀୟ ଲହର ପରେ ନୂଆ ମ୍ୟୁଟାଣ୍ଟର ଆଗମନ ନେଇ ପୂର୍ବାନୁମାନ କରିଥିଲେ। ଏବେ ଅଗ୍ରଓାଲ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ଓମିକ୍ରନ ନେଇ ଅଧ୍ୟୟନ ଜାରି ରଖିଛନ୍ତି। ଏହି ଅନୁଯାୟୀ, ଏପର୍ଯ୍ୟନ୍ତ ଆସିଥିବା ସମସ୍ତ ମାମଲାରେ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିଛି କିନ୍ତୁ ଅଧିକ ମୃତ୍ୟୁ ହୋଇନି। ପ୍ରଫେସର ଅଗ୍ରଓାଲ କହିଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରେ ଯାତ୍ରୀ ଉତ୍ତେଜନା




**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବର୍ତ୍ତମାନ ବାତ୍ୟା 'ଜୱାଦ'କୁ ନେଇ ରାଜଧାନୀ ଭୁବନେଶ୍ୱରର ପାଗ ଖରାପ ରହିଛି। ଘଣ୍ଟାକୁ ଘଣ୍ଟା ପାଗ ବଦଳି ଚାଲିଛି। ଏହାକୁ ନେଇ ଆଜି(ରବିବାର) ସନ୍ଧ୍ୟାରେ ଭୁବନେଶ୍ୱର ବାରଣାସୀ ଯିବାକୁ ଥିବା ଇଣ୍ଡିଗୋ ବିମାନ ହଠାତ୍ ଉଡାଣ ରଦ୍ଦ କରିଛି। ତେବେ ଇଣ୍ଡିଗୋ ବିମାନ ଉଡାଣ କମ୍ପାନୀ ପୂର୍ବ ସୂଚନା ନ ଦେଇ ଏଭଳି ଭାବେ ବିମାନ ଉଡାଣ ରଦ୍ଦ କରିଥିବାରୁ ବିମାନବନ୍ଦର ପରିସରରେ ଯାତ୍ରୀ ଉତ୍ତେଜନା ଦେଖିବାକୁ ମିଳିଛି। ଗତ(ଶନିବାର) ଠିକ୍ ଏହିଭଳି ପୂର୍ବ ସୂଚନା ନ ଦେଇ ବିମାନ ଉଡାଣ ରଦ୍ଦ କରିଥିଲା ଇଣ୍ଡିଗୋ। ଯାହାକୁ ନେଇ ଗତକାଲି ମଧ ଯାତ୍ରୀ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ, ପାଗ ଖରାପ ଥିବାରୁ ଏହିଭଳି ଭାବରେ ହଠାତ୍ ସବୁ ବିମାନ ଉଡାଣ ରଦ୍ଦ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଉଛି।

# ପାରାଦୀପ ବନ୍ଦରର ବିଶ୍ୱ ଏଡସ୍ ଦିବସ ପାଳିତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ବନ୍ଦର ପକ୍ଷରୁ ଶୁକ୍ରବାର ଦିନ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଦର ଚିକିତ୍ସାଳୟରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହରାଂଚଳ ପରିକ୍ରମା କରିଥିଲା। ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ.ହାରାନାଦ୍ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ୍, ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ପଣ୍ଡା,ଲେଡିଜ୍ କ୍ଲବ୍ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀଙ୍କ ସମେତ ବନ୍ଦରର ବହୁ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ସଚେତନତା ଶୋଭାଯାତ୍ରାରେ ସିଆଇଏସଏଫର ଯବାନ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଆର୍ଡିଏମଏସ୍ର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ବନ୍ଦରର ଗେଟ୍-୩ ଠାରେ ଏଚ୍.ଆଇ.ଭି. ପରୀକ୍ଷଣ କରାଯାଇ ୫୬ଜଣଙ୍କର ରକ୍ତ ପରୀକ୍ଷଣ କରାଯାଇଥିଲା।

# କଟକରେ....

# ଅମାନିଆ ଆଇଆଇସିଙ୍କ ଉପରେ ବର୍ଷିଲେ ଡିସିପି

**କଟକ(ତପନ ମହାନ୍ତି):-** ପୂର୍ବରୁ କୌଣସି ସୂଚନା ନ ଥାଇ ହଠାତ୍ ଅପରାହ୍ନରେ ମେସେଜ୍ ଆସିଲା ସମସ୍ତ ଥାନା ଅଧିକାରୀ ଉପସ୍ଥିତ ହେବେ ବୈଠକ ହେବ। ସବୁ କାମକୁ ପଛରେ ପକାଇ ଥାନା ଅଧିକାରୀମାନେ ବୈଠକରେ ଯୋଗ ଦେଲେ। ଆଉ ବୈଠକରେ ଡିସିପି ପ୍ରତୀକ ସିଂହ ଖୁବ ବର୍ଷିଲେ, ବହୁ ମାମାଲା ପଡ଼ି ରହିଛି। ତଦନ୍ତ ହେଉନି, ଆଗକୁ ପଞ୍ଚାତୟ ଓ ପୌର ନିର୍ବାଚନ ଆସୁଛି, ନିଜକୁ ପ୍ରସ୍ତୁତ ରଖ। ସବୁ କଥାକୁ ଗୁରୁତର ସହ ନେଇ ସମାଧାନ କର। ଦୀର୍ଘ ୩ ଘଣ୍ଟା ଟିଉସନ୍ ପରେ ଥାନା ଅଧିକାରୀମାନେ ଥାନାକୁ ଫେରିଥିଲେ। ଏହି ବୈଠକ ଓ ଡିସିପିଙ୍କ ତାଗିଦ୍ ପଛରେ କାରଣ ଏମିତି ଥିଲା। କିଛି ଥାନା ଅଧିକାରୀ ଢିଲା ମାରୁଥିଲେ। ଡିସିପିଙ୍କ କଡ଼ା ନିର୍ଦ୍ଦେଶ ପରେ ଏବେ ଠିକେ ସେ କାର୍ଯ୍ୟ କରୁଥିବା ଜଣେ ଥାନା କର୍ମଚାରୀଙ୍କ ଠାରୁ ଶୁଣାଯାଏ। କିଛି ଥାନାର ଅଧକାରୀଙ୍କ କାମକୁ ନେଇ ଡିସିପି ବିରକ୍ତ ହୋଇଥିଲେ। ଦିଆଯାଇଥିବା ଟାର୍ଗେଟ୍ କିଛି ଥାନା ପୂରଣ କରି ନାହାନ୍ତି। ବହୁ ମାମଲା, ପଡ଼ି ରହିଛି ବାରମ୍ବାର ତାଗିଦ୍ କଲେ ବି କିଛି ଥାନା ଅଧିକାରୀ ଡିସିପି କଥାକୁ ହେ ଜ୍ଞାନ କରୁଥିବାରୁ କାମ ଅଧିକ ଆଗଉ ନ ଥିଲା। ସୁପରଭିଜନ ବେଳେ ବହୁ ତ୍ରୁଟି ସାମ୍ନାକୁ ଆସିଥିଲା। ତେଣୁ ଏକାଧିକ ଅଫିସରଙ୍କ ସହିତ ଡିସିପି ଆଲୋଚନା କରି କିଛି ଥାନା ଅଧିକାରୀଙ୍କ ଉପରେ ବର୍ଷି ଥିଲେ। ତେଣୁ ଏଭଳି ସ୍ଥିତିରେ ପାଇତ୍ୱ ବୁଝାଇବା ଡିସିପି ବୁଝାଇ ତାଗିଦ୍ କରିଥିଲେ। ମଧ୍ୟ ସେ ଗୁରୁତ୍ୱାରୋପ ନିଆଯିବ ବୋଲି ଡିସିପି ଚେତାବନୀ ଦେଇଥିଲେ।

# ଭୁବନେଶ୍ୱର ଏମ୍ସ ଦଲାଲଙ୍କ କବ୍ଜାରେ ୧୦ଟଙ୍କାର ଟିକେଟ୍ ୧୫୦୦ ଟଙ୍କା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭରସା ଭୁବନେଶ୍ୱର ଏମ୍ସ। ଏମ୍ସ ହସ୍ପିଟାଲ। ମାଗଣାରେ ଡାକ୍ତରଙ୍କ ପରାମର୍ଶ ସହ ଉନ୍ନତ ଚିକିତ୍ସା ସେବା ଯୋଗାଉଥିବା ଜାତୀୟସ୍ତରର ଏକମାତ୍ର ସରାକରୀ ପ୍ରତିଷ୍ଠାନ। ଏଣୁ ପ୍ରତିଦିନ ଦୂରଦୂରାନ୍ତର ରୋଗୀଙ୍କ ଭିଡ ଜଣେ ରାଜଧାନୀର ଏହିସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ। ହେଲେ ଦଲାଲଙ୍କ ଦୌରାତ୍ମ୍ୟ ଯୋଗୁଁ ମାଗଣା ସ୍ୱାସ୍ଥ୍ୟସେବା ପ୍ରହସନ ପାଲଟିଛି। ସାଧାରଣ ଓପିଡି ଟିକେଟ ଖଣ୍ଡେ ପାଇଁ ରୋଗୀଙ୍କ ଠାରୁ ହଜାର ହଜାର ଟଙ୍କା ଲୁଟ କରୁଛନ୍ତି ଦଲାଲ। ଦଲାଲ ଓ ରୋଗୀଙ୍କ ଖଣ୍ଡେ ପାଇଁ ରୋଗୀଙ୍କ ଠାରୁ ହଜାର ହଜାର ଟଙ୍କା ଲୁଟ କରୁଛନ୍ତି ଦଲାଲ। ଦଲାଲ ଓ ରୋଗୀ ସମ୍ପର୍କୀୟଙ୍କ ଭିତରେ ଚାଲିଛି ଡିଲ୍। ମାଗଣା ଓପିଡି ଟିକେଟ ଖଣ୍ଡିଏ ପାଇଁ ଏଭଳି ଲୁଟର ଶିକାର ହେଉଛନ୍ତି ନୀରିହ ରୋଗୀ। ଆଡଭାନ୍ସ ଟଙ୍କା ଦେଲେ ବୁଲ୍ ହେଉଛି ଟିକେଟ୍। ଉନ୍ନତ ତଥା ଅତ୍ୟାଧୁନିକ ଚିକିତ୍ସା ସେବା ପାଇଁ କେବଳ ଓଡିଶା କାହିଁକି ପଡୋଶୀ ରାଜ୍ୟର ଲୋକଙ୍କ ଡାକ୍ତରଖାନାର ସୁପରିଚାଳନା ଓ ସୁରକ୍ଷା ଦୃଷ୍ଟିରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ସୁରକ୍ଷା କର୍ମୀ ଓ ସିସିଟିଭି ଲଗାଯାଇଛି। ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗଇବାକୁ ଓପିଡି ଟିକେଟ ମଧ ମାଗଣା ରଖାଯାଇଛି। ହେଲେ ଲମ୍ବା ଧାଡିରେ ଦୀର୍ଘ ସମୟ ଧରି



ଅପେକ୍ଷା କରି ମଧ ଟିକେଟ ଖଣ୍ଡିଏ ସଂଗ୍ରହ କରିବା ରୋଗୀଙ୍କ ପାଇଁ ସମ୍ଭବପର ହେଉନି। ଫଳରେ ଦଲାଲ ହାବୁଡରେ ପଡି ଲୁଟର ଶିକାର ହେଉଛନ୍ତି ରୋଗୀ। ଏମ୍ସ କର୍ମଚାରୀ ଓ ଦଲାଲଙ୍କ ମିଳିଭଗତରେ ଏଭଳି ଲୁଟତରାଜ ହେଉଥିବା ଅଭିଯୋଗ କରିଛନ୍ତି ରୋଗୀ ଓ ସମ୍ପର୍କୀୟ। ଏମ୍ସରେ ଦଲାଲରାଜ କଥା ସ୍ୱୀକାର କରିଛନ୍ତିଏମ୍ସ ଅଧିକ୍ଷକ। କହିଛନ୍ତି, ହସ୍ପିଟାଲରେ ନ୍ୟୁରୋଲୋଜି, ନେଫ୍ରୋଲୋଜି ଓ ୟୁରୋଲୋଜି ଭଳି ଗୁରୁତ୍ୱପର୍ଣ୍ଣ ବିଭାଗରେ ସିଟ ସଂଖ୍ୟା କମ୍ ରହିଛି। ଫଳରେ ସପ୍ତାହିକ ମାତ୍ର ୩ ଦିନ ରୋଗୀସେବା ମିଳିଥାଏ। ରୋଗୀସେବା ମିଳିଥାଏ। ରୋଗୀଙ୍କ ସୁବିଧା ପାଇଁ ଉଭୟ ଅଫଲାଇନ ଓ ଅନଲାଇନରେ ଟିକେଟ ସଂଗ୍ରହ ସୁବିଧା ରହିଛି। ତେବେ ୩-୪ଜଣ ଦଲାଲଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା। ପୋଲିସ ଲୋକ ସଚେତନ ନହେଲେ ଡାକ୍ତରଖାନାକୁ ଦଲାଲ ମୁକ୍ତ କରିବା କଷ୍ଟକର ବୋଲି କହିଛନ୍ତି ଏମ୍ସ ଅଧିକ୍ଷକ। ଏମ୍ସ ଭଳି ଜାତୀୟସ୍ତରର ଡାକ୍ତରଖାନକୁ ଦଲାଲରାଜ ନେଇ ଚିନ୍ତା ପ୍ରକଟ କରିଛନ୍ତି ରୋଗୀ ଓ ରୋଗୀଙ୍କ ସଂପର୍କୀୟ। ନଚେତ ଉନ୍ନତମାନର ଚିକିତ୍ସା ସେବା ତ ଦୂରର କଥା ସାମାନ୍ୟତମ ସେବା ମଧ ମୁସ୍କିଲ ହୋଇପଡିବ।

# ପାରାଦ୍ୱୀପ ଇଫକୋ ପୁରସ୍କୃତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଏସିଆର ବୃହତ୍ତ ସାର ଉତ୍ପାଦନକାରୀ ଇଫକୋ ପାରାଦୀପ ୟୁନିଟ୍ ପରିବେଶ ସୁରକ୍ଷା ନିମନ୍ତେ ସତନ୍ତ୍ର ପୁରସ୍କାର ହାସଲ କରିଛି । ଏନ୍.ପି./ଏନ୍.ପି.କେ. ଫର୍ଟିଲାଇଜର୍ ପ୍ଲାଣ୍ଟ ରେ ସୁରକ୍ଷା କ୍ଷେତ୍ରରେ ଇଫକୋ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପ ଯୋଗୁଁ ଏହି ପୁରସ୍କାର ମିଳିଛି। ବିଗତ ୪ ବର୍ଷ ଧରି ଇଫକୋ ଏହି ଶ୍ରେଣୀରେ ପ୍ରଥମ ପୁରସ୍କାର ହାସଲ କରି ଆସିଛି । ୨୦୧୨ ମସିହାରୁ ୨୦୧୫ ମସିହା ପର୍ଯ୍ୟନ୍ତ ଲଗାତର ଭାବେ ପରିବେଶ ସୁରକ୍ଷା ପୁରସ୍କାର




ହାସଲ କରିଛି । ଇଫକୋର ଅନ୍ୟ ୟୁନିଟ୍ ଗୁଡିକ ଚଳିତ ବର୍ଷ ୭ଗୋଟି ପୁରସ୍କାର ହାସଲ କରି ସଫଳତା ପାଇଛନ୍ତି । ଇଫକୋର ସାଧାରଣ ପ୍ରବନ୍ଧକ(ଉତ୍ପାଦନ, ପରିବେଶ ଓ ଅଗ୍ନି,ସୁରକ୍ଷା) ଆର.କେ.ପାଣ୍ଡେ ଫର୍ଟିଲାଇଜର ଆସୋସିଏସନ ଅଫ ଇଣ୍ଡିଆ(ଏଫ୍.ଏ.ଆଇ)ର ବାର୍ଷିକ ସମ୍ମାନରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଶୁକ୍ରବାର ଦିନ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ବିଭାଗର ମନସୁଖ ମଣ୍ଡଭିୟା,ରାଷ୍ଟ୍ରମନ୍ତ୍ରୀ ଭଗବାନ ଖୁର୍ବା ପାର୍ଲିଆମେଣ୍ଟ ଅଧିବେଶନ୍ ଥିବାରୁ ଯୋଗ ଦେଇପାରିନଥିଲେ । ଏଫ୍.ଏ.ଆଇର ଅଧକ୍ଷ କେ.ଏସ୍.ରାଜୁ,ମହାନିର୍ଦ୍ଦେଶକ(ଆଇସିଏଆର୍) ତ୍ରିଲୋଚନ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ ବୋଲି ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ଦିମାକିଆ ଇଞ୍ଜିନିୟ, ପଞ୍ଚାୟତରେ ପଡ଼ି ରହିଛି କୋଟି କୋଟି ଟଙ୍କା

**କଟକ(ସଂପର୍କବାର୍ତ୍ତା):-** ୨୦୨୨ରେ ହେବାକୁ ଯାଉଛି ପଞ୍ଚାୟତ ନିର୍ବାଚନ କିନ୍ତୁ ପଞ୍ଚାୟତର ବିକାଶ ପାଇଁ ଆସିଥିବା କୋଟି କୋଟି ଟଙ୍କା ବିନିଯୋଗ ନ ହୋଇ ପଡ଼ି ରହିଛି। ଯୋଜନା ପ୍ରସ୍ତୁତ ହୋଇଛି, ଫାଇଲ ବି ଖୋଲା ଯାଇଛି ହେଲେ ଖର୍ଚ୍ଚ ହୋଇପାରୁନି ସରକାରୀ ଅନୁଦାନ। ଏହାକୁ ନେଇ ଏବେ ଅସନ୍ତୋଷ ଦାନା ବାନ୍ଧିଛି। ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପରେ ଏହି ଅର୍ଥ ବିନିଯୋଗ ହେବା ସମ୍ଭବ ହେବ ନାହିଁ। ଅନ୍ୟ ପଟେ ଯଦି ଠିକ୍ ତା ପୂର୍ବରୁ ତରବରିଆ ଭାବେ ତାହାକୁ ବିନିଯୋଗ ପାଇଁ ଉଦ୍ୟମ କରାଯାଏ, ତେବେ ତାହା କେଳେଙ୍କାରୀର ବଟ ଫିଟାଇବା ଏଭଳି ଘଟଣାକୁ ନେଇ ଦୁଇ ଦିନ ତଳେ କଟକ ସଦର ବ୍ଲକ ଅଫିସ ସାମନାରେ ବୋଧପୁର ସମିତି ସଭ୍ୟ ଓ ସରପଞ୍ଚ ଧାରଣା ଦେଇଥିଲେ।ଜିଲ୍ଲାର ବ୍ରାହ୍ମଣସାଇଲୋ, ତିହୁଡି, ଷତାଂଶ ଭଳି ଅନେକ ପଞ୍ଚାୟତରେ ବି ଏଭଳି କୋଟି କୋଟି ଟଙ୍କା ପଡ଼ି ରହିଥିବାରୁ ପଞ୍ଚାୟତ ପ୍ରତିନିଧିମାନେ ବାରମ୍ବାର ଆନ୍ଦୋଳନ ଧକମ ଦେଇଛନ୍ତି। ଜିଲ୍ଲାର କେଉଁ ପଞ୍ଚାୟତରେ କେତେ ଅନୁଦାନ ପଡ଼ି ରହିଛି ଓ କେତେ ଖର୍ଚ୍ଚ ହୋଇଛି, ସେ ସଂପର୍କରେ ସବୁ ବ୍ଲକ୍କୁ ଜିଲ୍ଲା ପ୍ରଶାସନ ରିପୋର୍ଟ ମାଗି ଥିବା ଜଣାପଡ଼ିଛି। କିନ୍ତୁ ଏଭଳି ଫାଇଲ ଚାଷରେ ଲୋକଙ୍କ ବାସ୍ତବ ସମସ୍ୟା କେତେଦୂର ସମାଧାନ ହୋଇପାରିବ, ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଜିଲ୍ଲାର କଣ୍ଟାପଡ଼ା ବ୍ଲକ ବ୍ରାହ୍ମଣସାଇଲୋ ପଞ୍ଚାୟତରେ କୋଟିଏ ୨୫ ଲକ୍ଷ ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇପାରିନି। ପଞ୍ଚାୟତରେ ରାସ୍ତାଘାଟର ଦୂରାବସ୍ଥା, ଡ୍ରେନେଜ୍ ସମସ୍ୟାଠାରୁଆରମ୍ଭ କରିଅନେକ ସମସ୍ୟା ରହିଥିଲେ ସୁଦ୍ଧା ଏହି ଅନୁଦାନ ଲୋକଙ୍କର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ହୋଇପାରୁନି। କେଉଁଠି ରାସ୍ତା ଅବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ତ କେଉଁଠି କଲଭର୍ଟ ଭାଙ୍ଗି ଯାଇଛି। ଜଳ ନିଷ୍କସନ ହୋଇପାରୁନି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସଂପର୍କରେ ବାରମ୍ବାର ଜନପ୍ରତିନିଧି କହୁଥିଲେ ସୁଦ୍ଧା ଯନ୍ତ୍ରୀ ଶୁଣୁ ନଥିବା ସରପଞ୍ଚ ଝୁନୁବାଳା ଭୋଇ ଅଭିଯେଗ କରିଛନ୍ତି। ନିଆଳି ବ୍ଲକର ତିହୁଡ଼ି ପଞ୍ଚାୟତରେ ବି ପଡ଼ିଛି କୋଟିଏରୁଅଧିକ ଟଙ୍କା। ରାଜନୈତିକ ବାଦବିବାଦ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ନିଆଳି ବ୍ଲକର ଷତାଂଶ ପଞ୍ଚାୟତରେ ବି କୋଟିଏ ଟଙ୍କା ବିନିଯୋଗ ନହୋଇ ପଡ଼ି ରହିଛି।ଜିଲ୍ଲାର କିଛି ପଞ୍ଚାୟତରେ ଏଭଳି କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ନ ହୋଇ ପଡ଼ିଥିବାବେଳେ ଯେଉଁଠି ଲୋକ ପ୍ରତିନିଧି ଓ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଛି ସେଠାରେ ସବୁ ଅନୁଦାନ ଖର୍ଚ୍ଚ ହୋଇପାରିଛି। ଅନ୍ୟପଟେ ଅନେକ ସ୍ଥାନରେ ପ୍ରକଳ୍ପ ହୋଇ ନଥିଲେ ବି ଟଙ୍କା ଖର୍ଚ୍ଚ ହୋଇଥିବା ଫାଇଲପତ୍ରରେ ଦର୍ଶାଯାଇଛି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera